## ସଂସ୍କୃତ ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

ମୁନିଗୁଡ଼ା,(ଡି.ଏନ୍.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟସ୍ଥ ହୁକୁମତୋଲାସ୍ଥିତ ଶ୍ରୀ ଶ୍ରୀ ରାମେଶ୍ୱର ସଂସ୍କୃତ ମହାବିଦ୍ୟାଳୟରେ ଶନିବାର ଅଧକ୍ଷ, ଅଧାପିକା, ଅଧାପକ ପରିଚାଳନା କମିଟି ଏବଂ ଉଚ୍ଚ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ପାଦକ ପୁରୁଷୋତ୍ତମ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧକ ସଞ୍ଜୟ କୁମାର ପତି, ଅଧାପକ କୃଷ୍ଣଚନ୍ଦ୍ର ମଲ୍ଲିକ, ଅଧାପିକା ଅନସୂୟା ସାମଲ, ଆଶାଲତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ, ବନ୍ଦେ ମାତରମ ସଙ୍ଗୀତ ଗାନ ପରେ ଉଚ୍ଚ ଶ୍ରେଣୀର ଛାତ୍ରୀଛାତ୍ର ଏବଂ ଅଧାପିକା ଅଧାପକ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧାପକ କୃଷ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଆଜି କ'ଣ କେଉଁଠି

ରାୟଗଡ଼ା
- ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୨ ନିମନ୍ତେ ପ୍ରସ୍ତୁତି ବୈଠକ
- ଟାଉନ ହଲଠାରେ ଜିଲା ଶିଶୁ ସୁରକ୍ଷା ସମିତି ପକ୍ଷରୁ 'ମହକ' କାର୍ଯ୍ୟକ୍ରମ

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଗୁଣପୁର,୬ା୧୧(ଡି.ଏନ.ଏ)-ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଆରମ୍ଭ ହୋଇଛି। ଗୁଣପୁର ରେଞ୍ଜର ନିଳମାଧବ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଉତ୍ସବ ଉଦ୍‌ଘାଟନ କରିଥିଲେ। ଗୁଣପୁର କଲେଜର କ୍ରୀଡ଼ା ଅଧାପକ ଦେବ ପ୍ରସାଦ ପାଢ଼ୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଚାର୍ଯ୍ୟା ପ୍ରିୟଙ୍କା ସାହୁକାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା କମିଟିର ସଭାପତି ବି.ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ, ସଦସ୍ୟା ପ୍ରତିଭା ରଥ ପ୍ରମୁଖ ମଞ୍ଚାସିନ ଥିଲେ। ୪ର୍ଥ ରୁ ୧୦ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ଉଦଯାପନି କାର୍ଯ୍ୟକ୍ରମରେ ଭାମିନୀ ଆଇଆରବିଏନ୍‌ର କମାଣ୍ଡାଣ୍ଟ ଦିଲୀପ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରି ସମ୍ମାନିତ ଅତିଥି, ଆଚାର୍ଯ୍ୟା ମମତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବତନ ସଭାପତି ଲଳିତ ବୈଦ୍ୟ ଭୂଷଣ, ଅମ୍ବିକାରାଣୀ ମହାପାତ୍ର, ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିଶୁଙ୍କ ଦ୍ୱାରା ଅଗ୍ନିବଳୟ, ପିରାମିଡ୍ ଏବଂ ଛାତ୍ରୀଙ୍କ ଦ୍ୱାରା ଲେଜିମ୍ସ ପ୍ରଦର୍ଶନ କରାଯାଇଥିଲା। କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାରିରୀକ ପ୍ରମୁଖ ମନୋଜ କୁମାର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଭିଭାବକଙ୍କ ମଧରେ ମ୍ୟୁଜିକ୍ ଚେୟାର ଏବଂ ଦୌଡ଼ ପ୍ରତିଯୋଗିତା ହୋଇଥିଲା।

### ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୬ା୧୧(ଡି.ଏନ୍.ଏ.)-ଗୁଣପୁର ଟାଉନ୍ ହଲଠାରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମନାଗୁଡ଼ା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ଖାଉଟି ଅଦାଲତର ପୂର୍ବତନ ସଭାପତି ପ୍ରଦୀପ କୁମାର ଦାସ, ଗୁଣପୁର ଶାଖାର ସଭାପତି ହରିହର ଶତପଥୀ ଏବଂ ସାଧାରଣ ସମ୍ପାଦକ ଚେପାଲି ପ୍ରେମକୁମାର ପ୍ରମୁଖ ମଞ୍ଚାସିନ ଥିଲେ। ଯୁବ ସଂଯୋଜକ ଶକ୍ତି ପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୁର୍ନୀତି ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଦ୍ୟାର୍ଥୀ ଏବଂ ଯୁବଗୋଷ୍ଠୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କଲେଜର ଛାତ୍ରୀଛାତ୍ର କର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉପ ସଭାପତି ସତ୍ୟ ନାରାୟଣ ସାହୁ, କୋଷାଧକ୍ଷ ବାସନ୍ତି କୁମାରୀ ପାଟ୍ଟଯୋଶୀ, ସଂଘର କର୍ମକର୍ତ୍ତାମାନଙ୍କ ସମେତ ଉପଦେଷ୍ଟା ସୁନିଲ କୁମାର ଦାସ, ଆଇନ ଉପଦେଷ୍ଟା ଗୌରିଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାହିତ୍ୟ ଜୀବନର ପରିଭାଷାକୁ ପ୍ରକାଶ କରିଥାଏ'

ରାୟଗଡ଼ା ଅଫିସ,୬ା୧୧

ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାୟଗଡ଼ା ସ୍ୱୟଂଶାସିତ ମହବିଦ୍ୟାଳୟରେ ଜିଲାସ୍ତରୀୟ ସାହିତ୍ୟ ଆସର ଏବଂ କବିତା ପାଠୋତ୍ସବ ଅୟୋଜିତ ହୋଇଯାଇଛି। ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି, ସାହିତ୍ୟ ଜୀବନର ପରିଭାଷାକୁ ପ୍ରକାଶ କରିଥାଏ, ମଣିଷକୁ ମଣିଷ ସହ ଯୋଡ଼ିଥାଏ। ଜୀବନର ପରିଭାଷାକୁ ସାର୍ଥକ ରୂପେ ପରିବେଷଣ କରିଥାଏ ସାହିତ୍ୟ। ସେହିପରି ବିଶିଷ୍ଟ ଅତିଥି ରୂପେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ଭାଷା, ସାହିତ୍ୟ, ସଂସ୍କୃତିର ଅଭିବୃଦ୍ଧି କ୍ଷେତ୍ରରେ ସାହିତ୍ୟିକମାନଙ୍କ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ଅବଦାନ ଅତୁଳନୀୟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ଉଦ୍ୟମ ପ୍ରଶଂସନୀୟ ବୋଲି କହିଛନ୍ତି। ଏକାଡେମୀର ସଦସ୍ୟ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଭି.ଆର୍. ରତ୍ନଶ୍ରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। କବି ଆଶୁତୋଷ ପାତ୍ର ମଞ୍ଚ ପରିଚଳନା କରିଥିବା ବେଳେ ଅଧାପକ ଉଦୟ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଜୀବନ ଓ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ରରେ କୋରାପୁଟ ଜିଲା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଲକ୍ଷ୍ମୀକାନ୍ତ ପାଢ଼ୀ ସଭାପତିତ୍ୱ କରିଥିବା ବେଳେ ସ୍ତମ୍ଭକାର ଦ୍ୱିତୀ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଶିଷ୍ଟ କବି ପ୍ରଦୀପ କୁମାର ମିଶ୍ର, ଅଧାପିକା ରାଜଲକ୍ଷ୍ମୀ ଦେବୀ ଏବଂ କବି ଆଶୁତୋଷ ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତୃତୀୟ ଅଧିବେଶନରେ ଗବେଷକ ଶ୍ରୀରଙ୍ଗ ନାୟକଙ୍କ ସଭାପତିତ୍ୱରେ 'ସାହିତ୍ୟରେ ମାନବବାଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ ପ୍ରତାପ କୁମାର ରାୟ, ଅଧାପକ ରଘୁନାଥ ଭୁଏ ଏବଂ ଯୁବ ଗବେଷକ ଦେବାଶିଷ ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ। ଶେଷ ଅଧିବେଶନରେ ଆୟୋଜିତ କବିତା ଆସରରେ ବିଶିଷ୍ଟ କବି ଦେବେନ୍ଦ୍ର କୁମାର ବାଉରୀ ସଭାପତିତ୍ୱ କରିଥିଲେ। ଅଧାପକ ପ୍ରସନ୍ନ କୁମାର ଗନ୍ତାୟତ, ପରିବେଶବିତ ଗୌରାଙ୍ଗ ଚରଣ ରାଉତ ଏବଂ କବି ରମେଶ ଚନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଥିଲେ। କବି ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ, ଶ୍ରୀଧର ପଟ୍ଟନାୟକ, ରୁପେଶ କୁମାର ସାହୁ ଏବଂ ଉତ୍ତମ କୁମାର ଦାଶଙ୍କ ସଂଯୋଜନାରେ ଅୟୋଜିତ ଏହି ଆସରରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ ।

## କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ



ରାୟଗଡ଼ା ଅଫିସ,୬ା୧୧:

ରାୟଗଡ଼ା ରେଲଷ୍ଟେଶନଠାରେ ରବିବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ବିଶାଖାପାଟଣାରୁ ରାୟଗଡ଼ା ଆସି ଷ୍ଟେଶନରେ ଛିଡା ହୋଇଥିବା ବେଳେ ହଠାତ୍ ବଗିରେ ନିଆଁ ଲାଗିଯାଇଥିଲା। ଏନେଇ ଷ୍ଟେଶନ କର୍ତ୍ତୃପକ୍ଷ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଜୀବିତଙ୍କୁ ମିଳିନି ଭତ୍ତା, ରେଜିଷ୍ଟରରେ ମୃତକଙ୍କ ନାଁ

ମାଲକାନଗିରି,୬ା୧୧(ଡି.ଏନ୍.ଏ.)

**ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ବୈଠକରେ ଅସନ୍ତୋଷ**

ମାଲକାନଗିରି ସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅମ୍ବୁଡ୍ସମ୍ୟାନ ସୁନାକର ପାଳ, ସମୀକ୍ଷକ ସୁବ୍ରତ ସାମଲ, ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନ ଏବଂ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଏଥିରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପରିଚାଳନା, କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଶେଷକରି ଭତ୍ତା, ଏମ୍‌ଜିଏନ୍‌ଆରଇଜିଏସ୍, ୧୫ତମ କେନ୍ଦ୍ର ଅର୍ଥ କମିଶନ, ଆଇସିଡିଏସ୍, ମମତା ଯୋଜନା ବିଷୟରେ ଆଲୋଚନା ଓ ସମୀକ୍ଷା ହୋଇଥିଲା।

ବୈଠକରେ ମାର୍କାପାଲ୍ଲୀର ଗୁରୁ ପୁଜାରୀ, ବୁଦ୍ରି ପୁଜାରୀ, ମନିକା ପୁଜାରୀ, ମଧୁସୂଦନ ପୁଜାରୀ ଚାରି ମାସ ହେଲା ଟଙ୍କା ପାଇ ନ ଥିବା ଅଭିଯୋଗ କରିଥିଲେ। ସେହିପରି ପେଦାବାଡ଼ା ପଞ୍ଚାୟତର ଘାସିଖରା, ଲଇଛନ ଖରାଙ୍କ ମୃତ୍ୟୁ ଘଟିଥିଲେ ମଧ ସେମାନଙ୍କର ନାମ ବାର୍ଦ୍ଧକ୍ୟ ଭତ୍ତା ରେଜିଷ୍ଟରରେ ରହିଛି। ଗୌଡ଼ଗୁଡ଼ା ପଞ୍ଚାୟତର ମୁକେ ମାଡକାମି ସାତ ମାସ, ରାମଚନ୍ଦ୍ର ବେହେରା ତିନିମାସ ହେଲା ଟଙ୍କା ପାଇ ନ ଥିବା ଅଭି ଯୋଗ ହୋଇଛି। ସେହିପରି ତଣ୍ଡାପାଲ୍ଲୀ ପଞ୍ଚାୟତର ପିଚେ ପଡିଆମୀ, ସୁଶିଲା ମିସ୍ତ୍ରୀ, ଦେବେ ମାଡକାମିଙ୍କ ମୃତ୍ୟୁ ହୋଇଥିଲେ ମଧ ଏମାନଙ୍କ ନାମର ରେଜିଷ୍ଟରରେ ଥିବା ଅଭିଯୋଗ ହୋଇଥିଲା। ସେହିପରି ଗୋରାଖୁଣ୍ଟା ପଞ୍ଚାୟତର ଆଡମେ ରାବା, ଦେବା ପଡିଆମି, ରାମା ପଡିଆମି, ବୁଟି କୁଞ୍ଜା, ନାଗେ ପଡିଆମି କିଛି ମାସ ହେଲା ଭତ୍ତା ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଥିଲା। ଏହା ବ୍ୟତୀତ ମାଲକାନଗିରି ବ୍ଲକର ୧୯ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ୧୦୪ ରେକର୍ଡ ସମୀକ୍ଷା ଦଳକୁ ଦିଆଯାଇ ନାହିଁ, ବିରଲକ୍ଷ୍ମଣପୁର, ମାର୍କାପାଲ୍ଲୀ, ଗଙ୍ଗଲା, ଗୌଡ଼ଗୁଡା, ଶିଖପାଲ୍ଲୀ, ଉଡୁପା ଏବଂ ପଦ୍ମଗିରି ପଞ୍ଚାୟତର କାମର ମାଷ୍ଟରରୋଲ ହଜିଯାଇଥିବା ଅଭିଯୋଗ ହୋଇଥିଲା। ୧୯ ପଞ୍ଚାୟତର ୮୦ରୁ ଊର୍ଦ୍ଧ୍ୱ ମାମଲାର ରେକର୍ଡ ସମୀକ୍ଷକମାନେ ମାଗିଥିଲେ ମଧ ସେଗୁଡ଼ିକୁ ପ୍ରଦାନ କରାଯାଇନାହିଁ। ଅନ୍ୟପକ୍ଷରେ ଚାଲାଣଗୁଡା ପଞ୍ଚାୟତରେ ବନ ବିଭାଗ ଦ୍ୱାରା ହୋଇଥିବା କାମ ବାବଦକୁ ଖର୍ଚ୍ଚ ନେଇ ବନପାଳଙ୍କ ପାଖରେ ଖବର ନ ଥିବା ସମୀକ୍ଷକମାନେ ତଥ୍ୟ ରଖିଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ, ବିଡିଓ, ସମୀକ୍ଷକ ଓ ଅନ୍ୟମାନେ।

# କଟନ୍ କର୍ପୋରେସନ୍ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପୁରସ୍କାର



ରାୟଗଡ଼ା ଅଫିସ,୬ା୧୧

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ କଟନ୍ କର୍ପୋରେସନ କାର୍ଯ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ୍ ସହଯୋଗରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷା ଭି.ଆର୍. ରତ୍ନଶ୍ରୀ ଅଧକ୍ଷତା କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ପ୍ରସନ୍ନ କୁମାର ଗନ୍ତାୟତ, ଅରୁଣ କୁମାର ଖାଡ଼ଙ୍ଗା, ବବିଲତା ଶ୍ରଫ୍ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। କଟନ୍ କର୍ପୋରେସନ ନିଗମର ସିନିୟର ମ୍ୟାନେଜର(ଭିଜିଲାନ୍ସ) ସୁନୀଲ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି।

## ଡ୍ରାଇଭର ମହାସଂଘ ପକ୍ଷରୁ ଥାନାରେ ଦାବିପତ୍ର

ଟିକିରି,୬ା୧୧(ଡି.ଏନ୍.ଏ.)

କାଶୀପୁର ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ କାଶୀପୁର, ଟିକିରି, ଅଣ୍ଡିରାକଞ୍ଚ ଓ ଦୋରାଗୁଡ଼ା ଥାନାରେ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟରତ ଡ୍ରାଇଭର ସଭ୍ୟଙ୍କର ଅନିଶ୍ଚିତ ଭବିଷ୍ୟତକୁ ନେଇ ସରକାର ନିକଟରେ ଦୁର୍ଘଟଣା ବୀମାରାଶି, ୫୫ ବର୍ଷ ପରେ ଅବସରକାଳୀନ ଭତ୍ତା, ସ୍ୱତନ୍ତ୍ର ସୁରକ୍ଷା ଆଇନ, ଦୂରଯାତ୍ରା ସମୟରେ ପର୍କିଂ ଓ ବିଶ୍ରାମର ସୁବିଧା, ଆଇନ ଆଳରେ ପୋଲିସ ଦ୍ୱାରା ଅକଥନୀୟ ଅତ୍ୟାଚାର ବନ୍ଦ କରିବା, ଆବାସ ଯୋଜନାରେ ସାମିଲ, ପିଲାଙ୍କ ଶିକ୍ଷାରେ ରିହାତି, ପରିବହନ ବିଭାଗର ବିଭିନ୍ନ କାମରେ ଦେୟ ପ୍ରତି ରିହାତି, ପୁଣି ଡ୍ରାଇଭରଙ୍କୁ ଯୋଦ୍ଧାର ମାନ୍ୟତା ଭଳି ୯ ଦଫା ଦାବି ନେଇ ମହାସଂଘ ପକ୍ଷରୁ ବିଭିନ୍ନ ସମୟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। ଆଗାମୀ ଦିନରେ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଘର ଶତାଧିକ ସଭ୍ୟ ଅମର ଗୋପାଳ, ପରୀକ୍ଷିତ ନାଏକ, କୃଷ୍ଣ ନାଏକ, ଲୋଚନ ଗୋପାଳ, କାମଲେ ନାଏକ, ଜଗନ୍ନାଥ ଡୁରୁକ, କିଶୋର କୁମାର ଭୂୟାଁ, ବିଜୟ ଖୋସଲା, ଅନ୍ତ ଗୋପାଳ, ଭାବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ

କୋରୁକୋଣ୍ଡା,୬ା୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ରାସ ପୂର୍ଣ୍ଣିମା ତଥା କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହରୀ ନାମାଯଜ୍ଞ ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ଠାକୁରଙ୍କ କଳସ ସ୍ଥାପନ କରାଯିବା ସହ ଅଧିବାସ କରାଯାଇଥିଲା। ରବିବାର ସକାଳେ ନାମ ସଙ୍କିର୍ତ୍ତନ ଆରମ୍ଭ ହୋଇଥିଲା। ସୋମବାର ସକାଳେ ନାମ ଶେଷ କରି କଳସ ବିସର୍ଜନ କରାଯିବ। ଚଳିତ ଥର ରାସ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ପୂର୍ଣ୍ଣିମା ପୂର୍ବ ଦିନ ଅର୍ଥାତ ଅଷ୍ଟପ୍ରହାରୀ ନାମାଯଜ୍ଞ କରାଯିବା ପାଇଁ ଗ୍ରାମବାସୀ ସମେତ ବୁଦ୍ଧିଜୀବୀ ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯିବ। ନିକଟ ଅଞ୍ଚଳରୁ ୫ ସଙ୍କିର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଛନ୍ତି।

# ଖାଦ୍ୟର ମହତ୍ତ୍ୱ ବୁଝିଲେ ଛାତ୍ରୀଛାତ୍ର

ମୁନିଗୁଡ଼ା,୬ା୧୧(ଡି.ଏନ୍.ଏ.)

**ମୁନିଗୁଡ଼ା ଓଏଭିରେ ଖାଦ୍ୟ ମହୋତ୍ସବ**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଜାମରାଗୁଡ଼ାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଠାରେ ଖାଦ୍ୟ (ଭୋଜନ) ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାରତ ତଥା ବାହାର ଦେଶର ଭିନ୍ନ ଭିନ୍ନ ଖାଦ୍ୟ ଓ ପାନୀୟର ପସରା ଲଗେଇ ବିକ୍ରି କରିଥିଲେ।

ବିଦ୍ୟାଳୟର ଅଧକ୍ଷା ମିଲି ଷଣ୍ଢଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମକଟକ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ଦାସ, ମୁଖ୍ୟବକ୍ତା ଭାବେ ପାତ୍ରଗୁଡା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନୃସିଂହ ଚରଣ ବସନ୍ତିଆ ଯୋଗଦେଇ ଖାଦ୍ୟର ମହତ୍ତ୍ୱ ତଥା ଖାଦ୍ୟ ନଷ୍ଟ ନ କରିବା, ଭୋକିଲା ଲୋକଙ୍କୁ ଖାଦ୍ୟ ଦାନ ଦ୍ୱାରା ପୁଣ୍ୟ ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ରଖି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ମୁଖ୍ୟ ଅତିଥି ମହୋତ୍ସବକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପିଲାଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଯଥା ନିରାମିଷ ବିରିୟାନୀ, ଛୋଲେ ଭାତୁରେ, ନାଗାଲାଣ୍ଡ ସ୍ପେଶିଆଲ ଲଚ୍ଛା ପରାଠା, କେନ୍ଦ୍ରାପଡ଼ା ରସାବଳୀ, କଷ୍ଟାର୍ଡ, ବିରିୟାନୀ, ଦହିବରା ଝାଲ ମୁଢ଼ି, ଫଳ କଷ୍ଟାର୍ଡ, ହାଇଦ୍ରାବାଦ ପ୍ରସିଦ୍ଧ ଡବଲ କା ମିଠା, ଭାରତୀୟ ଢୋକଲା, ଶକ୍ତି ପାନୀୟ, ଇଡଲି ଦୋଷା ସହ ସମ୍ବର, ମୁଗ ଚଣା ଗଜା, ଚିକେନ ଷ୍ଟିକ୍, ନିରାମିଷ ପଲାଉ, ଗୋଭି ଚିଲ୍ଲୀ ଆଦି ଅନେକ ବ୍ୟଞ୍ଜନ ଖାଇବା ସହ ଖାଦ୍ୟର ସ୍ୱାଦ, ସ୍ୱଚ୍ଛତା ଆଦିକୁ ଭିତ୍ତିକରି ମାର୍କ ଦେଇଥିଲେ। ମହୋତ୍ସବକୁ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ନାୟକ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଦେବାଶିଷ ସାହୁ, ସଂସ୍କୃତ ଶିକ୍ଷକ ମିଥୁନ ବାଗ, ପଦାର୍ଥ ବିଜ୍ଞାନ ଶିକ୍ଷକ ଅବିନାଶ ପଟେଲ, ଇଂଲିଶ ଶିକ୍ଷକ ସମୀର କୁମାର ନନ୍ଦ, ଗଣିତ ଶିକ୍ଷକ ପୁରୁଷୋତ୍ତମ ସରାଫ, ଶ୍ରୀନିବାସ ବେହେରା, କମଳିନୀ ବାରିକ, ଆଞ୍ଜୁଲତା ପାତ୍ର ସହଯୋଗ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ସଂସ୍କୃତ ଶିକ୍ଷକ ମିଥୁନ ବାଗ ଧନ୍ୟବାଦ ଦେଇଥିଲେ।


ଅତିଥିମାନେ ଖାଦ୍ୟ ଉତ୍ସବର ଶୁଭାରମ୍ଭ କରୁଛନ୍ତି ।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଉଦ୍‌ଯାପିତ

ମାଲକାନଗିରି,୬ା୧୧(ଡି.ଏନ୍.ଏ)

ମାଲକାନଗିରି ଜିଲା ଦୁର୍ନୀତି ନିବାରଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଅକ୍ଟୋବର ୩୧ ରୁ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହବ୍ୟାପୀ ବିଭିନ୍ନ ପଞ୍ଚାୟତ, ବ୍ଲକ, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ସଂସ୍ଥା ଓ ସରକାରୀ ବେସରକାରୀ ସଂସ୍ଥା ପକ୍ଷରୁ ଦୁର୍ନୀତି ବିରୋଧରେ ଲୋକଙ୍କୁ ସଚେତନ କରାଯିବା ସହ ଶପଥ ପାଠ କରାଯାଇଥିଲା।

ଉଦ୍‌ଯାପନୀ କାର୍ଯ୍ୟକ୍ରମ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବ୍ଲକ ଓ ଶିକ୍ଷାନୁଷ୍ଠାନରେ ଦୁର୍ନୀତି ନିବାରଣକୁ ନେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ଡିଆରଡିଏ ପିଡି ରତ୍ନାକର ସାହୁ, ଦୁର୍ନୀତି ନିବାରଣ ବିଭାଗ ଡିଏସପି ସୁଶାନ୍ତ କୁମାର ବିଶ୍ୱାଳ, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ରହି ଛାତ୍ରୀଛାତ୍ରୀ, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଦୁର୍ନୀତି ନିବାରଣ ବିଷୟରେ ଆଲୋଚନା କରିଥିଲେ। ଦୁର୍ନୀତି ମୁକ୍ତ ଏବଂ ବିକଶିତ ଭାରତ ଗଠନ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## 'ୟୁଥ୍ ଫର ଚେଞ୍ଜ' ପକ୍ଷରୁ ବଂଶଧାରା ସେତୁ ସଫେଇ



ଗୁଡାରି,୬ା୧୦(ଡି.ଏନ୍.ଏ.)

ଗୁଡାରୀ ବଂଶଧାରା ସେତୁ ଉପରେ ରବିବାର 'ୟୁଥ୍ ଫର ଚେଞ୍ଜ' ଯୁବଗୋଷ୍ଠୀର ସଦସ୍ୟ ମାନେ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ସେତୁର ଉଭୟ ପାର୍ଶ୍ୱରେ ମାଟି, ବାଲି ଜମି ରହିଥିବାରୁ ଯାତାୟାତ ସମୟରେ ଲୋକଙ୍କ ଆଖିରେ ଧୂଳି ପଶୁଥିଲା। ଏହାକୁ ଦୃଷ୍ଟିରେ ରଖି ଯୁବଗୋଷ୍ଠୀ ସମେତ ଥାନା ଅଧିକାରୀ ଦୀନବନ୍ଧୁ ଶବର, ସନ୍ତୋଷ ମହାନ୍ତି ଓ ଏନଏସିର ସଫେଇ କର୍ମଚାରୀ ମିଳିତ ଭାବେ ସଫେଇ କରିଥିଲେ। ଆସନ୍ତା ତିନି ମଧରେ ସେତୁ ସମ୍ପୂର୍ଣ୍ଣ ସଫା କରାଯିବ ବୋଲି ୟୁଥ ଫର୍ ଚେଞ୍ଜର ସଦସ୍ୟ ପ୍ରକାଶ କରିଛନ୍ତି।

# କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ: ଭାଜପା

ମାଲକାନଗିରି,୬ା୧୧(ଡି.ଏନ୍.ଏ)

**ପ୍ରାର୍ଥୀଙ୍କ ଅପହରଣ ଅଭିଯୋଗ ଘଟଣା**

ଅକ୍ଟୋବର ୩୦ରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଜୋନ୍ ୮ ରେ କୋରାପୁଟ ସମବାୟ ସମିତି ନିର୍ଦ୍ଦେଶକ ନିର୍ବାଚନ ପୂର୍ବରୁ ପ୍ରାର୍ଥୀ ଥିବା ହଳଧର କପେଙ୍କୁ ଅପହରଣ କରି ଜବରଦସ୍ତି ଲଣ୍ଡା କରାଯାଇଥିବା ଏବଂ ଏଥିପାଇଁ ସେ ଭୋଟ ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଥିଲେ। ଏ ବିଷୟରେ ମାଲକାନଗିରି ଥାନାରେ ଗତ ୪ ତାରିଖରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ପୋଲିସ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ନେଇ ଭାଜପା ପକ୍ଷରୁ ରବିବାର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଦଳ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମାଲକାନଗିରି ଜିଲା ଭାଜପା ସଭାପତି ନିମାଇଁ ଚନ୍ଦ୍ର ପାଲ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶ୍ୟାମଲ ସୁନାନୀ, ଜିଲା ସାଧାରଣ ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ଜିଲା କୋଷାଧକ୍ଷ ସଞ୍ଜୟ ସରକାର, ପୌର ପରିଷଦ ମଣ୍ଡଳ ସଭାପତି ବାଲାଜୀ ପଡାଲ, ଆଦିବାସୀ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜଳନ୍ଧର ନାୟକ, ପାଙ୍ଗାମ ମଣ୍ଡଳ ସଭାପତି ତଥା ଅପହୃତ ହଳଧର କପେ, ମହିଳା ମୋର୍ଚ୍ଚା ସଭାପତି ସନ୍ତୋଷିନୀ ପାତ୍ର, ବେଣି କସ୍ତୁର, ଦ୍ରୌପଦୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତା ଓ କର୍ମୀ ।

# ଗ୍ରାମାଞ୍ଚଳ ଉଦ୍ୟୋଗୀଙ୍କୁ ପ୍ରେରଣା ଯୋଗାଉଛି 'ଉଦ୍ୟମୀ'

ଟିକିରି, ୬ା୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କଶୀପୁର ବ୍ଲକ ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ(ୟୁଏଆଇଏଲ)ର ଉଦ୍ୟମୀ ପ୍ରକଳ୍ପ ଗ୍ରାମାଞ୍ଚଳର ଉଦ୍ୟୋଗୀଙ୍କ ପାଇଁ ପ୍ରେରଣା ସାଜିଛି। ଏହି ପ୍ରକଳ୍ପ ଅନେକଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଜିଲାର ସୁରୁଗଞ୍ଜି ଗ୍ରାମର ସୁରେଶ ନାଏକ ପରିବାର ଚଳାଇବା ପାଇଁ କିଛିବର୍ଷ ତଳେ କେରଳ ଚାଲିଯାଇ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିଲେ। ପରେ ଉଦ୍ୟମୀ ପ୍ରକଳ୍ପ ସହାୟତାରେ ଉଦ୍ୟୋଗୀ ହୋଇପାରିଛନ୍ତି। ଏବେ ସେ ଏକ ଫାବ୍ରିକେଶନ ୟୁନିଟର ମାଲିକ ପାଲଟିଛନ୍ତି। ତାଙ୍କ ଜୀବନରେ ହୋଇଥିବା ସକାରାତ୍ମକ ପରିବର୍ତ୍ତନ ପାଇଁ ସେ ଉଦ୍ୟମୀ ପ୍ରକଳ୍ପକୁ ଶ୍ରେୟ ଦେଇଛନ୍ତି। ସୁରେଶଙ୍କ ଭଳି ଅଞ୍ଚଳର ଅନେକ ଉଦ୍ୟୋଗୀ ଏହି ପ୍ରକଳ୍ପରୁ ସୁଫଳ ପାଇଛନ୍ତି।

ଉତ୍କଳ ଆଲୁମିନା ପକ୍ଷରୁ ଅଣ୍ଟରପ୍ରିନ୍ୟୋରଶିପ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ ଇଣ୍ଡିଆ(ଇଡିଆଇଆଇ) ସହଯୋଗରେ ୨୧ ଜୁଲାଇରେ ଆରମ୍ଭ ହୋଇଥିବା ଏହି ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ ଅଣକୃଷି ଏବଂ କୃଷି ଆନୁଷଙ୍ଗିକ କ୍ଷେତ୍ରରେ ୩୦୦ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଆତ୍ମନିର୍ଭର ଭାରତ ଏବଂ ଏମ୍‌ଡିଜି ଲକ୍ଷ୍ୟ ହାସଲ ନିମନ୍ତେ ଏହି ପ୍ରକଳ୍ପ ରାୟଗଡ଼ା ଜିଲା କାଶୀପୁର ଏବଂ କଳାହାଣ୍ଡି ଜିଲା ଥୁଆମୂଳରାମପୁରର ଆଭ୍ୟନ୍ତରୀଣ ଦୁର୍ଗମ ଅଞ୍ଚଳଗୁଡ଼ିକରେ କାର୍ଯ୍ୟକାରୀ ହୋଇଛି। ସ୍ଥାନୀୟ ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ବିକାଶ ଘଟାଇ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଏହାର ଉଦ୍ଦେଶ୍ୟ।



ଉଦ୍ୟମୀ ପ୍ରକଳ୍ପ ବିଷୟରେ ସୂଚନା ଦେଇ ୟୁଏଆଇଏଲ ୟୁନିଟ ମୁଖ୍ୟ ମଜହର ବେଗ କହିଛନ୍ତି, ଏହି ଅନନ୍ୟ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ କାର୍ଯ୍ୟକ୍ରମ ସରକାରଙ୍କର ଏମ୍‌ଏସ୍‌ଏମ୍‌ଇ, ଏସ୍‌ଏମ୍‌ଇ, ଓଏଲ୍‌ଏମ୍ ଆଦି ବ୍ୟବସ୍ଥାକୁ ରାଜ୍ୟରେ ସମର୍ଥନ କରୁଛି। ସେହି ସମୟରେ ଏକ ଦୀର୍ଘାବଧି ଆୟ ନିମନ୍ତେ ବାସ୍ତବ କ୍ଷେତ୍ରରେ ଯୋଜନାକୁ ଫଳପ୍ରସୂ କରାଉଛି। ଟିକିରିର ଗୋକୁଲମୁଣ୍ଡା ଗ୍ରାମରେ ଏଣ୍ଟରପ୍ରାଇଜ ମ୍ୟାପିଂ, ବ୍ୟବସାୟିକ ଯୋଜନା ପ୍ରସ୍ତୁତି, ସମ୍ମିଶ୍ରଣ, ବଜାର ସହାୟତା ଆଦି ବ୍ୟବସାୟିକ ବିକାଶ ସେବା ଯୋଗାଇବା ସହ ବଜାର ଚାହିଦା ପୂରଣ କରିବା, ଗ୍ରାମାଞ୍ଚଳ ବ୍ୟବସାୟକୁ ସମର୍ଥନ କରିବା ଏବଂ ଏହି ନୂଆ ବ୍ୟବସାୟୀଙ୍କ କୁଶଳତାରେ ଉନ୍ନତି ଆଣିବା ନିମନ୍ତେ ଏକ ଗ୍ରାମାଞ୍ଚଳ ବିଜ୍‌ନେସ ଇନକ୍ୟୁବେସନ ସେଣ୍ଟର ସ୍ଥାପନ କରାଯାଇଛି। ଏହା ମଧ ଜୀବିକା ଉପାର୍ଜନ କ୍ଲଷ୍ଟର ସୃଷ୍ଟି କରୁଛି ।

### ସରିଲା ଅଷ୍ଟପ୍ରହରୀ ନାମଯଜ୍ଞ

ନାରାୟଣପାଟଣା,(ଡି.ଏନ୍.ଏ.)- ନାରାୟଣପାଟଣା ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଥିବା ଅଷ୍ଟପ୍ରହରୀ ନାମ ଯଜ୍ଞ ରବିବାର ଶେଷ ହୋଇଛି। ବିଭିନ୍ନ ଗାଁରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ନାମ କୀର୍ତ୍ତନ କରିଥିଲେ। ବହୁ ଭକ୍ତ ନାମ ଜଜ୍ଞରେ ବସି ପୁଜା କରିଥିଲେ। କର୍ତ୍ତା ଭାବେ ବୀର ପଣ୍ଡୁ ଦହି ହାଣ୍ଡି ମୁଣ୍ଡେଇ ଗାଁ ପରିକ୍ରମା କରି ଶେଷରେ ବିସର୍ଜନ କରିଥିଲେ। କୃଷ୍ଣ ମିଶ୍ର, ଅଜିତ ତ୍ରିପାଠୀ, ସୀମାଚଳ ନନ୍ଦ, ଟିଟୁ ମିଶ୍ର, ଶୀବ ମହାପାତ୍ର ପୁରୋହିତ କାର୍ଯ୍ୟ ତୁଲାଇଥିଲେ। ଏସ୍ ତ୍ରିନାଥ, ଦୟାନିଧି ପ୍ରଧାନ, ପ୍ରଦୀପ ପଣ୍ଡା, କୁନୁପିଲି ସୁରେନ୍ଦ୍ର, ଧୃବା ଅନାରସିଁ, ରାମ ରାଉତ, ରଘୁମଣି ପାଢ଼ୀ, ବୁଲୁ ପାଣିଗ୍ରାହୀ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ନାମଯଜ୍ଞ

ରାଇଘର, ୬।୧୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦରମହକୁମାସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶନିବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା କରାଯାଇଥିଲା। ରବିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ନାମ ଜପ କରିଥିଲେ। ନାମଯଜ୍ଞରେ ପୁରୋହିତ ଭାବେ କେନ୍ଦ୍ରାପଡ଼ାର ଅଖିଳ କୁମାର ଦାସ ଯୋଗ ଦେଇଥିଲେ। ରାଇଘର ଅଞ୍ଚଳର ୪ ଓ ଚନ୍ଦାହାଣ୍ଡିର ୩ ଏବଂ ପଶ୍ଚିମ ଓଡ଼ିଶାର ଗୋଟିଏ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ତ୍ରିନାଥ ମନ୍ଦିର କମିଟି ସଭାପତି ପ୍ରଫୁଲ୍ଲ କୁମାର ଭୂୟାଁ, ସମ୍ପାଦିକା ରଞ୍ଜିତ ପାଣିଗ୍ରାହୀ, କୋଷାଧକ୍ଷ ବିଜୟ ମହାରଣାଙ୍କ ସମେତ ରାଇଘର ସାମ୍ବାଦିକ ସଂଘ ଓ ତ୍ରିନାଥ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ବ୍ଲକ ଅଧକ୍ଷା ନବିନା ନାୟକ, ପୂର୍ବତନ ବିଧାୟକ ସୁବାସ ଗଣ୍ଡଙ୍କ ସମେତ ଜିଲା ପରିଷଦ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

### ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ଡାବୁଗାଁ, ୬।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ କୃଷି ଫାର୍ମରେ ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟରେ ସମସ୍ତ ବିଭାଗରୁ ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ କରି ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଦେବା ନେଇ ଆଲୋଚନା ହୋଇଛି। ସ୍ଥାୟୀ ନିଯୁକ୍ତି ନ ମିଳିଲେ ଆଗାମୀ ଦିନରେ ସମସ୍ତ ବିଭାଗର ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ମହାସଂଘ କର୍ମକର୍ତ୍ତା ନିର୍ବାଚନ କରାଯାଇଛି। ସୁନନ୍ଦିନୀ ତ୍ରିପାଠୀ ସଭାପତି, ଖିଲେସ କସରିଆ ଓ ସସ୍ମିତା ସ୍ୱାଇଁ ଉପସଭାପତି, ଶଶିକାନ୍ତ ଦାଶ ସାଧାରଣ ସମ୍ପାଦକ, ଅମୂଲ୍ୟ ଦଳାଇ ସମ୍ପାଦକ, ପ୍ରକାଶ ଚନ୍ଦ୍ର ବାରିକ ଓ ଏସ୍. ବାବୁଲା ରାଓ ସହସମ୍ପାଦକ, ସତ୍ୟ ବେହେରା ଓ ଦେବାଶିଷ ତ୍ରିପାଠୀ ସାଙ୍ଗଠନିକ ସମ୍ପାଦକ, ବିଦ୍ୟାଧର ବିଶୋୟୀ କୋଷାଧକ୍ଷ ଓ ସହ କୋଷାଧକ୍ଷଭାବେ ଶୁଭଶ୍ରୀ ମହାକୁଡଙ୍କୁ ନିର୍ବାଚିତ କରାଯାଇଛି। ଏହି ବୈଠକରେ ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ମୋଟ ୧୮ ବିଭାଗର ବିଭିନ୍ନ ବ୍ଲକରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଆଉଟସୋର୍ସିଂ କର୍ମଚାରୀ ଯୋଗ ଦେଇଥିଲେ।

### ବ୍ରାହ୍ମଣ ସମାଜର ମଣ୍ଡଳସ୍ତରୀୟ ବୈଠକ

ତେନ୍ତୁଲିଖୁଣ୍ଟି, ୬।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିସ୍ଥିତରେ ବ୍ରାହ୍ମଣ ସମାଜର ବୈଠକ କରାଯାଇଛି। ସଂଘର ପୂର୍ବତନ ସଭାପତି ହରିହର ମିଶ୍ର ବୈଠକର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ରମଣୀ ରଞ୍ଜନ ତ୍ରିପାଠୀ, ବସନ୍ତ ପାଣିଗ୍ରାହୀ, ରଞ୍ଜନ ତ୍ରିପାଠୀ, ଶ୍ରୀନିବାସ ମିଶ୍ର, ମଦନମୋହନ ମହାପାତ୍ର ଉପସ୍ଥିତ ଥିଲେ। ଗୋପୀନାଥ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂଜାରିଗୁଡା ,ତେନ୍ତୁଲିଖୁଣ୍ଟି ଓ ଦିଗି ଗ୍ରାମର ବ୍ରାହ୍ମଣ ସମାଜ କର୍ମକର୍ତ୍ତା ଚୟନ କରାଯାଇଥିଲା। ମୁନା ଅଧିକାରୀ, ହରିହର ପତି, ଦୁର୍ଗା ପାତ୍ର, ସୁଶାନ୍ତ ଶତପଥୀ, ଭୀମସେନ ପାଣିଗ୍ରାହୀ କିଶୋର ପଣ୍ଡା ପ୍ରମୁଖ ବିଭିନ୍ନ ପଞ୍ଚାୟତର ବ୍ରାହ୍ମଣ ଯୋଗ ଦେଇଥିଲେ। ଶେଷରେ ଶାନ୍ତି ପାଠ ସାମୁହିକ ଭାବେ ବୋଲା ଯାଇଥିଲା। ବସନ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଛୁଟିରେ ଥାଇ ଦରମା ଆସୁଛି

ନବରଙ୍ଗପୁର,୬।୧୧(ବି.ପ୍ର.)

- ୬ମାସ ହେବ ସ୍କୁଲଆସୁନାହାନ୍ତି ଶିକ୍ଷୟିତ୍ରୀ
- ଶିକ୍ଷା ବିଭାଗ ରିପୋର୍ଟରେ ନିୟମିତ ଉପସ୍ଥିତ
- ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

ନିୟମ ଏଠି ବାଟବଣା। ବିନା ଦରଖାସ୍ତରେ ୬ ମାସ ଛୁଟିରେ ରହିଲେ ମଧ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନବରଙ୍ଗପୁର ଜିଲାରେ ଦରମା ମିଳିଯାଉଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ବିଭାଗର କେତେଜଣ କର୍ମଚାରୀ ଏଥିରେ ସାମିଲ ଥିବା ଅଭିଯୋଗ ହେଉଛି। ଅଭିଯୋଗ ହେଲେ ମଧ ତଦନ୍ତ ହେଉନାହିଁ। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦରମା ବାବଦକୁ ସରକାର ଅନୁଦାନ ଯୋଗାଉଛନ୍ତି। ସରକାରଙ୍କ ଅନୁଦାନ ଅବାଟରେ ଚାଲିଗଲେ ଅଧିକାରୀଙ୍କର କ'ଣ ବା ଯାଏଆସେ। ସେହି ନୀତିରେ ଦରମା ସହ ଶିକ୍ଷକଙ୍କ ଡିଏ ଆଦି ପ୍ରଦାନ କରାଯାଉଛି। ପୂର୍ବରୁ ଏଭଳି ଘଟଣା ଘଟିସାରିଛି। ଅନୁପସ୍ଥିତ ସତ୍ତ୍ୱେ ମେଣ୍ଟ୍ରି ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ୩ ମାସର ଓ ବଡକୁମୁଲି ସ୍କୁଲର ଜଣେ ଶିକ୍ଷକଙ୍କୁ ୮ ମାସର ଦରମା ମିଳିଥିଲା। ଏବେ ଝରିଗାଁ ବ୍ଲକ ଚଚ୍ଚା ସରକାରୀ ୟୁଜି ହାଇସ୍କୁଲରୁ ସମାନ ଅଭିଯୋଗ ଆସିଛି।

ଚଚ୍ଚା ଗାଁରେ ୫-ଟି ଅଧୀନରେ ରହିଛି ସରକାରୀ ୟୁଜି ହାଇସ୍କୁଲ। ବିଦ୍ୟାଳୟର କ୍ଲାସିକାଲ ଶିକ୍ଷୟିତ୍ରୀ ମଧୁସ୍ମିତା ଦାଶ ଚଳିତ ବର୍ଷ ମେ' ୬ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ବିପ୍ଳବିନୀ ମଲ୍ଲିକ ଅନୁପସ୍ଥିତ ରିପୋର୍ଟ ଜିଲା ଶିକ୍ଷା ବିଭାଗକୁ ନ ଦେଇ ମଧୁସ୍ମିତା ଉପସ୍ଥିତ ଥିବା ଜଣାଇଛନ୍ତି। ଫଳରେ ଶିକ୍ଷୟିତ୍ରୀ ମଧୁସ୍ମିତାଙ୍କୁ ନିୟମିତ ଭାବେ ଦରମା ମିଳୁଛି ବୋଲି ଏସ୍ଏମ୍ସି କମିଟି ସଭାପତି ଭଗବାନ ମାଝି ନିଜ ମୋବାଇଲ ନମ୍ବର ସହ ଗତ ବୁଧବାର ଜିଲା ଶିକ୍ଷା ଅଧିକାରୀଙ୍କୁ ମେଲ୍ କରି ଜଣାଇଛନ୍ତି। ବିଦ୍ୟାଳୟର ଉପସ୍ଥାନ ଖାତାରେ ମଧୁସ୍ମିତାଙ୍କ ଦସ୍ତଖତ ମେ' ୬ ତାରିଖ ପର୍ଯ୍ୟନ୍ତ ରହିଛି। ସେଠାରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ମଧୁସ୍ମିତାଙ୍କ ଦସ୍ତଖତ ସ୍ଥାନ ଫାଙ୍କା ରହିଛି। ସମସ୍ତ ତଥ୍ୟ ସହ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ପହଞ୍ଚି ଥିଲେ ମଧ କାର୍ଯ୍ୟାନୁଷ୍ଠାନ ନାହିଁ। ଏନେଇ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ଜଣାଇବାରୁ ସେ କାର୍ଯ୍ୟାଳୟର କିରାଣି ପଙ୍କଜ ମହାପାତ୍ରଙ୍କୁ ଡାକି ପଚାରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ନିୟମିତ ସ୍କୁଲ ଆସିଥିବା ପ୍ରଧାନଶିକ୍ଷୟିତ୍ରୀ ରିପୋର୍ଟ ଦେଇଛନ୍ତି। ସେହି ଅନୁଯାୟୀ ଦରମା ମିଳିଛି ବୋଲି କିରାଣି ମହାପାତ୍ର କହିଛନ୍ତି। ଏନେଇ ଶିକ୍ଷୟିତ୍ରୀ ମଧୁସ୍ମିତାଙ୍କୁ ପଚାରିବାରୁ ମୋର ମୋବାଇଲ ଖରାପ। ଦରମା ଖାତାରେ ଚଢୁଛି କି ନାହିଁ ଜାଣି ନାହିଁ। ମୁଁ ଛୁଟିରେ ରହିଛି । ଦରଖାସ୍ତ ପଠାଇଥିଲି କିନ୍ତୁ ବିଦ୍ୟାଳୟରେ ପହଞ୍ଚି ପାରିନାହିଁ। ମେଡିକାଲ ରିପୋର୍ଟ ଓ ଛୁଟି ଦରଖାସ୍ତର ସମସ୍ତ ତଥ୍ୟ ମୋ ପାଖରେ ରହିଛି। କେତେ ଦିନ ଛୁଟିରେ ଅଛନ୍ତି ବୋଲି ପଚାରିବାରୁ ତାହାର ସଠିକ ଉତ୍ତର ସେ ଦେଇ ନ ଥିଲେ। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ବିପ୍ଳବିନୀଙ୍କୁ ପଚାରିବାରୁ ସାଥୀରେ ରହୁଥିବାରୁ ମଧୁସ୍ମିତା ମେ' ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଉପସ୍ଥିତ ଥିବା ରିପୋର୍ଟ ପ୍ରଦାନ କରିଛି। ତାହା ପରଠାରୁ ସେ ବିଦ୍ୟାଳୟ ଆସି ନାହାନ୍ତି। ଜୁନ୍ ମାସରୁ ମଧୁସ୍ମିତା ଛୁଟିରେ ଅଛନ୍ତି ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମେ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ଶିକ୍ଷୟିତ୍ରୀଙ୍କ ଉପସ୍ଥାନ ନିୟମିତ ରହିଥିବା ସମ୍ପର୍କରେ ପଚାରିବାରୁ ମଧୁସ୍ମିତା ଅନୁପସ୍ଥିତ ଥିବା ଜିଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଇ ଆସୁଛି। ଉପସ୍ଥିତ ରିପୋର୍ଟ ସେଠାରେ କିଭଳି ଅଛି ତାହା ଆଶ୍ଚର୍ଯ୍ୟ ଲାଗୁଛି ବୋଲି ସେ କହିଥିଲେ। ଅନ୍ୟ ପକ୍ଷେ ଜିଲା ଶିକ୍ଷା ଅଧିକାରୀଙ୍କୁ ଛୁଟି ଦରଖାସ୍ତ କାର୍ଯ୍ୟାଳୟକୁ ଆସିଛି କି ବୋଲି ପଚାରିବାରୁ ମଧୁସ୍ମିତା ଛୁଟି ଦରଖାସ୍ତ କାର୍ଯ୍ୟାଳୟରେ ନାହିଁ ବୋଲି ଜଣାଇଛନ୍ତି।

ସରକାରୀ ନିୟମାନୁଯାୟୀ, ଡିଇଓ, ଏଡିଇଓ, ବିଇଓ ଏବଂ ଏବିଇଓମାନେ ବିଦ୍ୟାଳୟଗୁଡିକ ପରିଦର୍ଶନ କରି ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ଶୈକ୍ଷିକ ଉପକରଣ, ଲାଇବ୍ରେରୀ, ପାଠ୍ୟ ଖସଡା କିଭଳି ଚାଲିଛି, ଶିକ୍ଷୟତ୍ରୀ ଶିକ୍ଷକଙ୍କ ଉପସ୍ଥାନ ଆଦି ନିରୀକ୍ଷଣ କରିବା କଥା। କିନ୍ତୁ ଚଚ୍ଚା ୟୁଜି ହାଇସ୍କୁଲରେ ଶିକ୍ଷୟିତ୍ରୀ ଜଣକ ୬ମାସ ଅନୁପସ୍ଥିତ ରହିବା କଥା କୌଣସି ଅଧିକାରୀ କିଭଳି ଜଣିପାରିଲେ ନାହିଁ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ବିଦ୍ୟାଳୟରେ ଅନୁପସ୍ଥିତ ଶିକ୍ଷକ ନିୟମିତ ଦରମା ପାଉଥିବା ସଂଖ୍ୟା ଖୋଜିଲେ ଜିଲାରେ ଅନେକ ଅସିଯିବେ। ତଥାପି ଜିଲା ଶିକ୍ଷା ବିଭାଗରେ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ବିଡମ୍ବନାର ବିଷୟ।

### ସୁନାବେଡ଼ା ଜୁହାର ପରିବାରର ସାଧାରଣ ସଭା



ସୁନାବେଡା,୬।୧୧(ସ୍ୱ.ପ୍ର.)

ସୁନାବେଡା ଜୁହାର ସାଂସ୍କୃତିକ ପରିବାରର ପ୍ରଥମ ସାଧାରଣ ସଭା ସୁନାବେଡ଼ା ୧ ସ୍ଥିତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୁହାର ପରିବାର ସଭାପତି ଛନ୍ଦା ଚରଣ ଖମାରୀ ଅନୁଷ୍ଠାନର ଏକତା ଅଖଣ୍ଡତା ତଥା ଭବିଷ୍ୟତ ନୀତି ନିର୍ଦ୍ଧାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସମାଜ ମଙ୍ଗଳ, ରକ୍ତଦାନ ଶିବିର, ଚାରା ରୋପଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ମହେଶ ବେହେରା ଅନୁଷ୍ଠାନକୁ ଆଗକୁ ସୂଚାରୁ ରୂପେ ବଢେଇ ନେବା ସହିତ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭାରେ ଅନୁଷ୍ଠାନର ସତୁରୀ ଜଣ ସଭ୍ୟ ଉପସ୍ଥିତ ରହି ନିଜ ନିଜର ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ଈଶ୍ୱର ଚନ୍ଦନ, ବରିଷ୍ଠ ସଭ୍ୟ ସରୋଜ ରାଜଗୁରୁ, ସଞ୍ଜୀବ ମିଶ୍ର, ଉଦେକର ସାହୁ, ଡୋଲାମଣି ମେହେର, ସଞ୍ଜୀବ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସଭ୍ୟ ଦୀନେଶ ମହାପାତ୍ର ସଭା ପରିଚାଳନା ଓ ରାଜୀବ ପଟେଲ ଧନ୍ୟବାଦ ଦେଇଥିଲେ।



ବୈଠକରେ ସାମିଲ ହେବାକୁ ଆସିଥିବା ସଂଘ ସଦସ୍ୟମାନେ।

## ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

ନବରଙ୍ଗପୁର,୬।୧୧(ବି.ପ୍ର.)

ନବରଙ୍ଗପୁର ଜେଇଏଲ୍‌ସି ହାଇସ୍କୁଲରେ ବ୍ଲକଗ୍ରାଣ୍ଟ (ନୂତନ ଅନୁଦାନ ପ୍ରାପ୍ତ) ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଜିଲାସ୍ତରୀୟ ବୈଠକ ସାଧାରଣ ସମ୍ପାଦକ କାଶିନାଥ ମହାନ୍ତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା କ୍ରମାଗତଭାବେ ଅବହେଳାର ଶିକାର ହୋଇ ଆସୁଥିବା ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ବର୍ଷ ଧରି ସେବା ଯାଗାଇ ଅସୁଥିଲେ ମଧ ସରକାରଙ୍କ ବୈମାତୃକ ମନୋଭାବ ଯାଗୁ ଶିକ୍ଷକ, କର୍ମଚାରୀଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗି ଯାଉଛି ବୋଲି ବୈଠକରେ ଆଲୋଚନା ହୋଇଛି। ଶିକ୍ଷକଙ୍କ ପେନଶନ, ଜିପିଏଫ୍, ଅବିକଳ ସପ୍ତମ ବେତନ, ଓ ଚାକିରୀ ସର୍ତ୍ତାବଳୀ ନେଇ ଆଲୋଚନା କରାଯାଇଛି। ସମସ୍ତଙ୍କ ପାଇଁ ଭବିଷ୍ୟତ ନିଧି ପାଣ୍ଠି ଗଠନ, ବୃଦ୍ଧ ଅବସ୍ଥାରେ ପେନସନ ଯୋଜନା ବ୍ଲକ ଗ୍ରାଂଟ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ଉପହାସ ମାତ୍ର ବୋଲି ସମ୍ପାଦକ କହିଛନ୍ତି। ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲକୁ ସରକାରୀକରଣ, ବ୍ଲକ ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କୁ ୧୯୭୪ ଶିକ୍ଷା ନିୟମାବଳୀ ଅନୁଯାଇ ପେନସନ ଓ ଅବସର କାଳୀନସୁବିଧା, ସପ୍ତମ ବେତନ ଲାଗୁ, ସମସ୍ତ ଅସହାୟ ପରିବାରକୁ ଅନୁକମ୍ପା ମୂଳକ ନିଯୁକ୍ତି, ହିନ୍ଦି, ସଂସ୍କୃତ, କ୍ରୀଡା ଶିକ୍ଷକ ଦରମା ସୁରକ୍ଷା ସହ ୪୮ ବର୍ଷ ଚାକିରି ପରେ ଟି.ଜି.ଟି. ସ୍କେଲ ପ୍ରଦାନ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଦବୀକୁ ଆଟେଣ୍ଡାଣ୍ଟ କରିବା, ମୃତ୍ୟୁ କାଳୀନ ଅନୁକମ୍ପା ରାଶି ପ୍ରଦାନ କରିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଛି। ବୈଠକରେ ସଭାପତି ରାମଚନ୍ଦ୍ର ଦାସ, ଭୂଷତି ଭୂଷଣ ପଟ୍ଟନାୟକ, ଅଜୟ ପଲେଇ, ଦିଗାମ୍ବର ରାଉତ, ସୀତାଂଶୁ ଶେଖର ବେହେରା, ବିଭୂତି ଭୂଷଣ ବରାଳ, କ୍ଷୀରୋଦ ପାଢି, ପ୍ରଫୁଲ୍ଲ କର୍କରା, ସୀମାଚଳ ଖୁରା, ପ୍ରଭାତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲାରେ ୪୧ ବ୍ଲକ ଗ୍ରାଣ୍ଟ ହାଇସ୍କୁଲର ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୪୮୭ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା

ଜୟପୁର, ୬।୧୧(ନି.ପ୍ର.)

**ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ**

ଜୟପୁର ସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଜିଲା ଆଇନ ସେବା ପ୍ରାଧିକରଣ, କୋରାପୁଟ ଜିଲା ଏବଂ ଜୟପୁର ପ୍ରଶାସନ ପକ୍ଷରୁ ଏକ ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ କୋରାପୁଟ-ଜୟପୁରର ଅତିରିକ୍ତ ଜିଲା ଜଜ (ପୋକ୍‌ସୋ) ତଥା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ସିଏଚ୍. ବାସୁଦେବ ପାତ୍ର ଆନୁଷ୍ଠାନିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚାରପତି ସୁମନ ଜେନା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟପୁର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଦିଲ୍ଲୀପ ସାହୁ, ବରିଷ୍ଠ ଦେୱାନି ବିଚାରପତି (ମହିଳା କୋର୍ଟ) ଅଞ୍ଜଳି ମାଛଖଣ୍ଡ, କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଏବଂ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଉପଖଣ୍ଡ ବନଖଣ୍ଡ ଅଧିକାରୀ ଜୟପୁର ଏନ୍.ଏସ୍. ଜେପି ସିଂହ, କୋରାପୁଟ ଅତିରିକ୍ତ ପୋଲିସ ଅଧୀକ୍ଷକ ଉତ୍କଳ ଦାସ, ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ଜୟପୁର ତହସିଲଦାର ପ୍ରଧାନ ଟୁଲି ଆମ୍ବା, ଜୟପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜୟପୁର ବିଡିଓ ରାଜୀବ ସାହୁ, ଏବିଡିଓ ମନୋଜ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ଏସ୍‌ଡିଆଇପିଆର୍‌ଓ ଯଶୋଦା ଗାଦବା, ଜିଲା ଓକିଲ ସଂଘ ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ସରକାରୀ ଓକିଲ ଡା. ବି. ଗାୟତ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଗା ଶିବିରରେ ୪୮୭ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସହାୟତା ବଣ୍ଟନ କରାଯାଇଥିଲା। ଖାଦ୍ୟ ଯୋଜନା ଓ ଖାଉଟି ବିଭାଗର ଅଧିକାରୀ ଏବଂ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଇନ ସେବା ପ୍ରାଧିକରଣର ରିମାଣ୍ଡ ଓକିଲ, ପାନେଲ ଓକିଲ, ସୂଚନା ଓ ଲୋକ ସମ୍ପର୍କ, ସ୍ୱାସ୍ଥ୍ୟ, ପୋଲିସ, ଟ୍ରାଫିକ୍ ବିଭାଗ, ଦମକଳ ବାହିନୀର ସମସ୍ତ କର୍ମକର୍ତ୍ତା ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରିଥିଲେ।

### ଡାକ୍ତରଖାନା ଲିଫ୍ଟ ଅଚଳ, ରୋଗୀ ହନ୍ତସନ୍ତ

କୋରାପୁଟ,୬।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଲିଫ୍ଟ ଗୁଡିକ ଅଚଳ ଯୋଗୁ ରୋଗୀ ଓ ତାଙ୍କ ପରିବାରକୁ ହନ୍ତସନ୍ତ ହେବାକୁ ପଡୁଛି। ମେଡିକାଲର ମାତୃ ଓ ଶିଶୁ ୟୁନିଟରେ ସ୍ଥାପିତ ଦୁଇ ଲିଫ୍ଟ ପ୍ରାୟ ମାସେ ହେବ ଅଚଳ। ଲିଫ୍ଟ ପରିଚାଳନା ନିମନ୍ତେ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ କାହିଁକି ହସ୍ପିଟାଲ କର୍ତ୍ତୃପକ୍ଷ ନିଯୁକ୍ତି କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ବାରମ୍ବାର ଲିଫ୍ଟ ଅଚଳ ହେଉଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେଣୁ ମେଡିକାଲର ଅଚଳ ଲିଫ୍ଟଗୁଡିକୁ ମରାମତି କରିବାକୁ ଦାବି ହୋଇଛି।

### ଜୁଆ ଆଡ୍ଡାରୁ ୮୭୦୦ ଟଙ୍କା ଜବତ

ତେନ୍ତୁଲିଖୁଣ୍ଟି, ୬।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡା ପୋଲିସ ଶନିବାର ରାତିରେ ବିଭିନ୍ନ ସ୍ଥାନରେ ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରି ତାସ କଟା ଓ ଟଙ୍କା ଜବତ କରିଛି। ବେଜୁଗୁଡାରୁ ୭୫୦୦ଟଙ୍କା ଓ ଖାତିଗୁଡ ରୁ ୧୨୦୦ ଟଙ୍କା ପୋଲିସ ଜବତ କରିଛି। ବେଜୁଗୁଡାରେ ୬ ଜଣ ଓ ଖାତିଗୁଡାରୁ ୪ ଜଣ ଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଦୁଇଟି ଯାକ ଜୁଆ ଖେଳ ସ୍ଥାନରୁ ଜୁଆଡ଼ିମାନେ କୌଶଳକ୍ରମେ ପାଚେରୀ ଡେଇଁ ପଳେଇ ଥିବା ଜଣା ପଡ଼ିଛି। ଏନେଇ ଖାତିଗୁଡା ଥାନାରେ କେଶ ନମ୍ବର ୯୮/୨୨ ଓ ୯୯/୨୨ରେ ମାମଲା ରୁଜୁ କରିଛି। ଖାତିଗୁଡା ଥାନାଧିକାରୀ ଦୀପକ ଲେଙ୍କା ଚଢ଼ାଉରେ ସାମିଲ ଥିଲେ।

## ଦୁର୍ନୀତିମୁକ୍ତ ଭାରତ ଗଠନ ନେଇ ସଚେତନତା

ଜୟପୁର, ୬।୧୧(ନି.ପ୍ର.)

ଦୁର୍ନୀତି ନିବାରଣ ନେଇ ଏକ ସଚେତନତା ଶୋଭାଯାତ୍ରା ଜୟପୁରସ୍ଥିତ ଦୁର୍ନୀତି ନିବାରଣ କାଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିଲା। ଜୟପୁର ରଜାନହରଠାରୁ ଏହି ଶୋଭାଯାତ୍ରା ବାହାରି ଭିଜିଲାନ୍ସ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଭିଜିଲାନ୍ସ ଏସ୍‌ପି ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଏସବିଆଇ ମୁଖ୍ୟ ଶାଖା ମ୍ୟାନେଜର କେ ବାଲାଜି, ଏସଡିପିଓ ଅରୁପ ଅଭିଷେକ ବେହେରା, ପିଏ ଆଇଟିଡିଏ ଗୋପିନାଥ ସାରକା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା, ପୌର କାଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନାଧିକାରୀ ସସ୍ମିତ ବେହେରାଙ୍କ ସହ ବିକ୍ରମ ଦେବ କଲେଜ, ମହିଳା ମହାବିଦ୍ୟାଳୟର ଛାତ୍ରୀ ମାନେ ଭାଗ ନେଇଥିଲେ। ଦୁର୍ନୀତି ମୁକ୍ତ ଭାରତ ଗଠନ ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା।




ସଚେତନତା ଶୋଭାଯାତ୍ରାରେ ଅତିଥି, ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ ।

## ଏସ୍‌ଏଚ୍‌ଜିଙ୍କୁ କୃଷିଯନ୍ତ୍ରପାତି ଦେଲେ ବିଧାୟକ

କୋରାପୁଟ,୬।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାର ଆଦିବାସୀ ଉନ୍ନୟନ ସଂସ୍ଥା ଜୟପୁର ପକ୍ଷରୁ ସଦର ବ୍ଲକର ହାଡିଆ ପଞ୍ଚାୟତର ପୁଟ୍ରା ଗ୍ରାମରେ ବିଧାୟକ ତାରାପ୍ରସାଦ ବାହିନିପତି ଏସ୍‌ଏଚ୍‌ଜିକୁ ପାୱାର ୱେଡର ସମେତ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦାନ କରିଛନ୍ତି। ଆଇଟିଡିଏ ଓ ଜିବିକା ମିଶନ ମାଧମରେ ୨ ଏସ୍‌ଏଚ୍‌ଜିକୁ ଚାଷ କାମ କରିବାକୁ ଏହି ସହାୟତା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲା ପରିଷଦ ସଭ୍ୟା ତାପତୀ ପଟ୍ଟନାୟକ, ହାଡିଆ ସରପଞ୍ଚ ସୁଭଦ୍ରା ପୁଜାରୀ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଜୟପୁର ଆଇଟିଡିଏର ପ୍ରକଳ୍ପ ପରିଚାଳକ ଦେବାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡିଶା କୃଷି ଶିଳ୍ପ ନିଗମର ଯନ୍ତ୍ରୀ ସୁବୋଧ କୁମାର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତା ପ୍ରଶସ୍ତୀକରଣ ପାଇଁ ହଟିଲା ଜବରଦଖଲ

ଉମରକୋଟ, ୬।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହରର ସବୁଠାରୁ ଜନଗହଳି ଅଞ୍ଚଳ ଝରିଗାଁ ରୋଡ ଛକରେ ରାସ୍ତା ପ୍ରଶସ୍ତିକରଣ କାମ କରାଯାଇଛି। ପୋଲିସ ଓ ଅଧିକାରୀଙ୍କ ଉପସ୍ଥିତିରେ ଏହି କାମ କରାଯାଇଛି। ସରକାରୀ ଜମି ଅଧିଗ୍ରହଣ ଗ୍ରହଣ କରିଥିବା ୨୨ ଜଣଙ୍କ ଘର ଓ ଦୋକାନ ଭଙ୍ଗା ଯାଇଥିଲା।ଏହି ରାସ୍ତାରେ ପଡୁଥିବା ପୌର ପରିଷଦର ଷ୍ଟଲ ଭାଙ୍ଗିବା ନେଇ ପୌର ପରିଷଦ ନିଷ୍ପତି ନେବେ। ପଟ୍ଟା ଜମି ଉପରେ ଥିବା ଘର ଭାଙ୍ଗିବା ନିଷ୍ପତ୍ତି ପୂର୍ତ୍ତ ବିଭାଗ ନେବ ବୋଲି ଜବରଦଖଲ ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଉମରକୋଟ ତହସିଲଦାର ଏନ୍. ଜଗଜୀବନ ଚୌଧୁରୀ ସୂଚନା ଦେଇଛନ୍ତି।

ଉମରକୋଟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରୁ ବ୍ରିଜ ପର୍ଯ୍ୟନ୍ତ ରାସ୍ତା ସଂକୀର୍ଣ୍ଣ ଥିବାରୁ ସବୁ ବେଳେ ଟ୍ରାଫିକ ସମସ୍ୟା ହେଉଥିଲା। ଏହି ରାସ୍ତା ଦେଇ ଝରିଗାଁ, ଚନ୍ଦାହାଣ୍ଡି ଏବଂ ପୋଡଶୀ ନୂଆପଡ଼ା ଓ କଳାହାଣ୍ଡି ଜିଲାକୁ ଗାଡି ଯା ଆସ କରେ। ଉମରକୋଟ ସାପ୍ତାହିକ ହାଟ ଦିନ ଟ୍ରାଫିକ ସମସ୍ୟା ବଢ଼ିଯାଏ। ଏହାକୁ ଦୃଷ୍ଟିରେ ରଖି ଏହି ରାସ୍ତା ପ୍ରଶସ୍ତିକରଣ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇ ଲୋକଙ୍କ ସହ ଆଲୋଚନା କରିଥିଲା। ଏଥିପାଇଁ ରାସ୍ତା ଓସାରକୁ ୪୫ ଫୁଟରେ ସୀମିତ ରଖାଯାଇଥିଲା। ଉଚ୍ଛେଦ ବେଳେ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଷି ମାଝି, ପୋଲିସ୍ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଥାନାଧିକାରୀ ଦୀପକ କୁମାର ଜେନା, ଅତିରିକ୍ତ ଥାନାଧିକାରୀ ନଟବର ସାମଲ ଓ ଉମରକୋଟ ରାଜସ୍ୱ ନୀରିକ୍ଷକ ଶିବାନନ୍ଦ ରାଉତଙ୍କ ସମେତ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା।



# ଅଲୋଡ଼ା ଐତିହ୍ୟ ଓଡ଼ିଆ ଶିଳ୍ପୀଙ୍କୁ ଅଣଆଡ଼ିଆ କରିଦେଲା

ଡ. ସୁରେନ୍ଦ୍ର କୁମାର ମିଶ୍ର

**ଐତିହ୍ୟର ଓଡ଼ିଶା**

- ଗଜପତି ନିଜ କୋଷାଗାରରୁ ଶିଳ୍ପୀଙ୍କୁ ଉପହାର ଦେଇଥିଲେ
- ଯଜ୍ଞଶାଳା ପ୍ରସ୍ତୁତିରେ ପଥୁରିଆଣୀଙ୍କର ସହଯୋଗ ଥିଲା

ଆମେ 'ବଢ଼େଇ' ଶବ୍ଦର ରହସ୍ୟ ପ୍ରସଙ୍ଗରେ ସୂଚନା ଦେଇଥିଲୁ। ପଥରସୁଆଁସିଆଙ୍କର କାର୍ଯ୍ୟ ଅନୁଶୀଳନ କଲେ ଜଣାଯାଉଛି ସେମାନେ ବଢ଼େଇ ନ ଥିଲେ। ମନ୍ଦିର ନିର୍ମାଣ ପାଇଁ ଆସିଥିବା ୨୩୨୪ ଜଣ ଶିଳ୍ପୀଙ୍କ ମଧ୍ୟରୁ ୫୩୦ଜଣ ଯୁବଶିଳ୍ପୀ ଗଜପତିଙ୍କ ସହିତ ବିଜୟକୋଣ୍ଡା (ବିଜୟୱାଡ଼ା) ଯାଇଥିଲେ। ବିଜୟୱାଡ଼ା ସେତେବେଳେ ଆମ ସାମ୍ରାଜ୍ୟଭୁକ୍ତ ଥିଲା। ରେଣ୍ଡିଆଶିଳ୍ପୀ ସୈନ୍ୟବାହିନୀରେ ଯୋଗଦେବାକୁ ଯାଇଥିଲେ। ପୂର୍ବରୁ ଆମେ ଏହା ସୂଚନା ଦେଇଥିଲୁ। ମନ୍ଦିର ନିର୍ମାଣ ଆରମ୍ଭ ବେଳର କଥା ଇୟେ। ସେମାନେ ଗଜପତିଙ୍କ ସହିତ ଯୁଦ୍ଧଯାତ୍ରାରେ ଯାଇଥିଲେ। ଫେରିବା ପରେ ସେମାନେ ନିଜ ନିଜ ଗାଁକୁ ଯାଇ ନ ଥିଲେ। କୋଣାର୍କକୁ ଆସିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ।

ନିଯୁକ୍ତ ହୋଇଥିବା ଯୁବ ପଥୁରିଆଙ୍କ ସଂଖ୍ୟା ଥିଲା ୩୪୦ ଓ ଯୁବ ପାଇଟିଆଳ ଯେଉଁମାନେ କି ପଥୁରିଆଙ୍କୁ ସାହାଯ୍ୟ କରୁଥିଲେ ସେମାନେ ଥିଲେ ୨୭୩ ଜଣ। ମୋଟ ୬୧୩ଜଣ। ବିଜୟୱାଡ଼ା ଯାଇଥିଲେ ୫୩୦ ଜଣ। ଆଉ ଅଧିକ ୮୩ଜଣ ଏମାନଙ୍କ ସହ ସାମିଲ ହେଲେ ସୈନ୍ୟବାହିନୀରୁ। ସେମାନେ ନିର୍ମାଣ କାର୍ଯ୍ୟର ଯଥେଷ୍ଟ ଅଗ୍ରଗତି ହେବା ପରେ କାର୍ଯ୍ୟରୁ ଛୁଟିନେଇ ଗାଁକୁ ଫେରିଯିବାକୁ ଇଚ୍ଛା କରିଥିଲେ। ଗଜପତି ଜାଣିବା ପରେ ସମସ୍ତଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧ ହଜାର ୩୪ଟି ସୁନାମାଢ଼ ଦେଇଥିଲେ। ସାଙ୍ଗରେ ଚାଉଳ, ମୁଗ ନେଇ ଘରକୁ ଯିବାକୁ ଅନୁମତି ଦେଇଥିଲେ। ଏହା କୋଣାର୍କ କୋଷାଗାର (ଟ୍ରେଜେରି)ରୁ ଦିଆଯାଇ ନ ଥିଲା। ଗଜପତି ନିଜ କୋଷାଗାରରୁ ଦେଇଥିଲେ। ଏଇଠି ପୋଥି ଲେଖକ ଲେଖୁଛନ୍ତି ସେମାନଙ୍କୁ ଗଣ୍ଡିଲି ଭର୍ତ୍ତି କରି କିଛି ଦରବ ଦିଆଯାଇଥିଲା। ସେ ଦରବ କ'ଣ ମୁଁ ଜାଣି ନାହିଁ। ଏସବୁ ଲେଖିବାର ଉଦ୍ଦେଶ୍ୟ ଗଜପତି ନିର୍ଯାତନା ଦେଉ ନ ଥିଲେ। ଆଦର କରୁଥିଲେ। ଆଦର କରୁ ନ ଥିଲେ ଉପହାର ଦେଇ ସମ୍ବର୍ଦ୍ଧିତ କରି ନ ଥାନ୍ତେ।

ଯୁବ ପଥୁରିଆ ଯେଉଁ ଯେଉଁ ଦଣ୍ଡପାଟ, ଗଡ଼, ଗାଁରୁ ଆସିଥିଲେ ଦାମ ଜେନା ତା'ର ମଣତି ଦେଇଥିଲେ। ଆମେ ତାଲିକା ଦେଇଥିଲୁ। ସେଗୁଡ଼ିକ ସବୁ ଓଡ଼ିଶା ଭୂଖଣ୍ଡର।

ବଢ଼େଇ ଏବଂ ଶିଳ୍ପୀ ମହାରଣା ଶବ୍ଦ ଅଲଗା ଅଲଗା ବ୍ୟବହାର ହୋଇଥିବାର ଦେଖାଯାଏ। ପଥର କାମ ସହିତ ଶିଳ୍ପୀମାନଙ୍କୁ 'ମହାରଣା' କୁହାଯାଇଛି। କାଠକାମ ଶିଳ୍ପୀଙ୍କୁ 'ବଢ଼େଇ' ଶବ୍ଦରେ ବର୍ଣ୍ଣନା କରାଯାଇଛି। ତିନୋଟି କାଠ ଦ୍ୱାର ତିଆରି କରିଥିବା ୮ଜଣଙ୍କୁ 'ବଢ଼େଇ' କୁହାଯାଇଛି। ପଥର ମହାରଣା ଓ ବଢ଼େଇ ମହାରଣାଙ୍କ କାମ ସମ୍ପୂର୍ଣ୍ଣ ଅଲଗା ଅଲଗା ବର୍ଣ୍ଣନା କରାଯାଇଛି। ଠିକ୍ ସେମିତି ପାଇଟିଆଳ, ସୁଆଁସିଆ ଶବ୍ଦ ଅଲଗା ଅଲଗା ବ୍ୟବହାର କରାଯାଇଛି। ଏମାନେ ମୂଲିଆ ଭାବରେ ଅର୍ଥାତ୍ ଶିଳ୍ପୀଙ୍କ ସହଯୋଗୀ ଭାବରେ କାମ କଲାବେଳେ ପଥର ସୁଆଁସିଆ ଭାବରେ ଚିହ୍ନିତ ହୋଇଛନ୍ତି। ନାରୀମାନଙ୍କ କ୍ଷେତ୍ରରେ, 'ପଥୁରିଆଣୀ' ଶବ୍ଦ ବ୍ୟବହାର ହୋଇଛି। ପାଇଟିଆଳ ନାରୀ ଓ ପୁରୁଷ ଉଭୟ ଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ ଶୋଭା ପାଉଥିବା ଅରୁଣ ସ୍ତମ୍ଭ। ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ଷ୍ଟ୍ରିଟ୍ ଲାଇଟ, ଥାନାରେ ମାମଲା



ରାୟଗଡ଼ା ଅଫିସ,୬।୧୧- ରାୟଗଡ଼ା ସହରଠାରୁ ଚେକାଗୁଡ଼ା ଯିବା ରାସ୍ତାରେ ପୌର ପରିଷଦ ପକ୍ଷରୁ ଲାଗିଥିବା ହାଇମାଷ୍ଟ ଲାଇଟ ଖୁଣ୍ଟକୁ ଶନିବାର ଏକ ଟ୍ରକ୍ ଧକ୍କା ଦେବା ଫଳରେ ଖୁଣ୍ଟ ଭାଙ୍ଗି ଲାଇଟ ନଷ୍ଟ ହୋଇଛି। ସୂଚନା ଅନୁଯାୟୀ, ରାୟଗଡ଼ା କୋଅପରେଟିଭ୍ କଲୋନୀ ପ୍ରଥମ ଲାଇନରେ ନିର୍ମାଣାଧୀନ ଗୃହ ପାଇଁ ଆନ୍ଧ୍ର ପ୍ରଦେଶର ଅନକାପିଲ୍ଲୀରୁ ଆସିଥିବା ସିମେଣ୍ଟ ବୋଝେଇ ଟ୍ରକ୍(ଏପି ୧୬ ଟିଜେ ୦୫୩୯) ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଖୁଣ୍ଟ ଭାଙ୍ଗି ରାସ୍ତା ମଝିରେ ପଡ଼ିଥିଲା। ଖବର ପାଇ ପୌର ନିର୍ବାହୀ ଅଧିକାରୀ ଯାଶିର ବିଲାଲ ଅହମ୍ମଦ ପହଞ୍ଚି ସତ୍ୟାସତ୍ୟ ଅନୁସନ୍ଧାନ ପରେ ଥାନାରେ ଏତଲା ଦେଇଛନ୍ତି।

### ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବି
ଆଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

ରାୟଗଡ଼ା ଅଫିସ,୬।୧୧- ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ କାର୍ଯ୍ୟାଳୟ ୪୫ ବର୍ଷ ହେଲା ଗୁଣପୁର ଉପଖଣ୍ଡ ଗୁଡ଼ା ତୋଇକୁରୁଠାରେ ଚାଲିଛି। ତୁରନ୍ତ ଏହାକୁ ମୂଳ ସ୍ଥାନ ତଥା ପୁଟାସିଂ ରାଜସ୍ୱ ଗ୍ରାମକୁ ସ୍ଥାନାନ୍ତର କରିବାକୁ ଦାବି ହେଉଛି। ଏ ନେଇ ଶୁକ୍ରବାର ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଏକ ଦାବିପତ୍ର ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂଙ୍କୁ ପ୍ରଦାନ କରାଯାଇଛି। ଗୁଡ଼ା ତୋଇକୁରୁ ଗାଁରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିବା ଫଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ୪୫ ବର୍ଷ ତଳେ ନଦୀର ପ୍ରଖର ସ୍ରୋତ ଯୋଗୁ ବିଭିନ୍ନ ଦୁର୍ଘଟଣା ସହ ଜୀବନ ହାନି ଘଟୁଥିଲା। ଏହି କାରଣରୁ ସେ ସମୟରେ ଗୁଡ଼ା ତୋଇକୁରୁ ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିଲା। ଏବେ ସମୟର ପରିବର୍ତ୍ତନ ସହ ଗମନାଗମନର ସୁବିଧା ହୋଇଛି। ତେଣୁ ତୁରନ୍ତ ନିଜ ଗ୍ରାମକୁ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାନାନ୍ତର କରାଯାଉ ବୋଲି ଦାବି ହୋଇଛି। ଏ ନେଇ ବାରମ୍ବାର ଦାବି ପରେ ମଧ କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଅଦିବାସୀ ସଂଘର୍ଷ ମୋର୍ଚ୍ଚା ପକ୍ଷରୁ କୁହାଯାଇଛି। ଏ ନେଇ ବିହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ତ୍ରିପତି ଗମାଙ୍ଗ, ପଇତ ଶବର, କୈଳାସ ଶବର, ଅର୍ଚ୍ଚନା ଶବର, ଟେରିକିଟି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିରରେ ପଶି ଭୋଗ ଖାଇଲା ଭାଲୁ



ନବରଙ୍ଗପୁର, ୬।୧୧(ବି.ପ୍ର.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ସଲପା ଗ୍ରାମରେ ଗୋଟିଏ ଜଙ୍ଗଲି ଭାଲୁ ମନ୍ଦିର ଆସି ଭୋଗ ଖାଇଥିବା ଦେଖିବାକୁ ମିଳିଛି । ରାତି ପ୍ରାୟ ୧୨ ଟା ବେଳେ ଭାଲୁଟି ଗାଁରେ ଥିବା ରାଧାକାନ୍ତ ମନ୍ଦିରର ଗ୍ରୀଲ ଭାଙ୍ଗି ଭିତରେ ପଶିଥିଲା। ମନ୍ଦିର ଭିତରେ ଥିବା ନଡ଼ିଆ, କଦଳୀ ଏବଂ ଘିଅ ଖାଇଥିଲା। କିଛି ସମୟ ମନ୍ଦିର ଭିତରେ ରହିବା ପରେ ବାହାରକୁ ଆସି ମନ୍ଦିର ପରିକ୍ରମା କରି ପୁଣି ନଡ଼ିଆ ଭୋଗ ଖାଇଥିଲା। ଶେଷରେ ପାଖରେ ଥିବା ମକା ବାଡ଼କୁ ଚାଲି ଯାଇଥିଲା। ଭାଲୁଟି କାହାର କିଚି କ୍ଷତତି କରି ନ ଥିଲେ ମଧ ଲୋକେ ଭୟଭୀତ ଅଛନ୍ତି। ଭାଲୁର ଗତିବିଧି ଉପରେ ନଜର ରଖି ସୁରକ୍ଷା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦିନକୁ ଦିନ ଜଙ୍ଗଲ କ୍ଷୟ ହେଉଥିବାରୁ ଜଙ୍ଗଲୀ ଜନ୍ତୁମାନେ ବାସସ୍ଥାନ ହରାଇବା ସହ ଖାଦ୍ୟ ପାଉନାହାନ୍ତି। ଖାଦ୍ୟ ଅନ୍ୱେଷଣରେ ଭାଲୁମାନେ ଗାଁ ମୁହାଁ ହେଉଥିବା ସନ୍ଦେହ କରାଯାଉଛି। ଏ ନେଇ ବନ ବିଭାଗର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଅଙ୍ଗନୱାଡି ଉଦ୍‌ଘାଟନ କଲେ ବିଧାୟକ



ଜୟପୁର, ୬।୧୧ (ନି.ପ୍ର.)- ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜୟପୁର ସହରର ୬ଟି ଅଙ୍ଗନୱାଡି କେନ୍ଦ୍ରର ଗୃହ ଉଦ୍‌ଘାଟନ କରିଛନ୍ତି। ସହରର ଗଙ୍ଗାନଗର, ପୁରୁଣାଗଡ, ହାଟପଦା, ବନ୍ଧଘାଟ, ଯମୁନା ନଗର ଓ ଜୟନଗର ଅଞ୍ଚଳରେ ନୂତନ ଅଙ୍ଗନୱାଡି ଗୃହର ଉଦ୍‌ଘାଟନ ହୋଇଛି । ଏହି ଉଦଘାଟନି କାଯ୍ୟକ୍ରମରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ସିଡିପିଓ ସୁଚିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ୟାମ୍ ନିକଟ ପାହାଡ଼, ଗାର୍ଡୱାଲରୁ ଚୋରି ହେଉଛି ପଥର

ତେନ୍ତୁଲିଖୁଣ୍ଟି, ୬।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କପୁର ବାରିଆଘାଟ, ଦେଓପାଲିରେ ବନ୍ଧ ରହିଛି। କୋରାପୁଟ ଜିଲାର ମୁରାନରେ ମଧ ଏକ ବନ୍ଧ ରହିଛି। ଚାରୋଟି ଯାକ ବନ୍ଧକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ପାହାଡ଼ ଉପର ଝରଣା ଜଳ ତଥା ମାଟି ଅତଡା ଖସିବା ଅବରୋଧ ପାଇଁ ଗାର୍ଡ ୱାଲ ନିର୍ମାଣ କରାଯାଇଥିଲା। କିନ୍ତୁ କିଛି ବର୍ଷ ହେବ ଏହି ୱାଲ୍‌ଗୁଡିକୁ ଭାଙ୍ଗି ନିୟମିତ ଭାବେ ପଥର ଚୋରି ହେଉଛି। ଏପରିକି ଡ୍ୟାମ୍‌ଗୁଡିକୁ ଲାଗିଥିବା ଛୋଟ ଛୋଟ ପାହାଡ଼ରୁ ମଧ ବିଭିନ୍ନ ଉପାୟରେ ପଥର ଚାଲାଣ ହେଉଛି।

ପୋଡ଼ାଗଡ ବନ୍ଧ ଉପରକୁ ଯିବା ବେଳେ ରାସ୍ତା ପାର୍ଶ୍ୱରେ ବର୍ଷତମାମ ରାସ୍ତା ମେଟାଲ ଓ ବୋଲଡ଼ର ଗଦା ଦେଖିବାକୁ ମିଳିବ। ବିଗତ ଦିନରେ ଏ ନେଇ ଖବର ପ୍ରକାଶ ପାଇଛି। ପାହାଡ଼ରୁ ପଥର ବାହାର କଲେ ପ୍ରକୃତିର ଭାରସାମ୍ୟ ବିଗିଡିବ। ଏହାପରେ ଡ୍ୟାମ ପ୍ରତି ବିପଦ ଅବଶ୍ୟମ୍ଭାବୀ। ଏ ଦିଗରେ ଜଙ୍ଗଲ, ରାଜସ୍ୱ ବିଭାଗ, ଇନ୍ଦ୍ରାବତୀ ପ୍ରକଳ୍ପ କର୍ତ୍ତୃପକ୍ଷ କାହାରି ନଜର ପଡୁନି। ଇନ୍ଦ୍ରାବତୀ ପ୍ରକଳ୍ପ ପକ୍ଷରୁ ଝର ପାଣି ଦାଉରୁ ଏବଂ ଭୂସ୍ଖଳନରୁ ରାସ୍ତାକୁ ସୁରକ୍ଷିତ ରଖିବାକୁ ଗାର୍ଡ ୱାଲ କରାଯାଇଥିଲା। ଏବେ ଏହାର ସୁରକ୍ଷା ପ୍ରତି ମଧ କର୍ତ୍ତୃପକ୍ଷଙ୍କ ନିଘା ନାହିଁ। ଡ୍ୟାମର ସୁରକ୍ଷା ପାଇଁ ୩ଟି ପର୍ଯ୍ୟାୟରେ ୨୪ ଜଣ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ତଥାପି ଏଭଳି ପାହାଡ଼ ଓ ଗାର୍ଡୱାଲରୁ ପଥର ଚୋରି ସୁରକ୍ଷା ବ୍ୟବସ୍ଥା ପ୍ରତି ସନ୍ଦେହ ସୃଷ୍ଟି କରୁଛି। ପାହାଡ଼ରୁ ପଥର କାଢ଼ିବା ପାଇଁ ବ୍ଲାଷ୍ଟିଙ୍ଗ୍ କରାଗଲେ ଡ୍ୟାମ ସୁରକ୍ଷିତ ତ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଗାର୍ଡ ୱାଲ ପାର୍ଶ୍ୱ ଅବସ୍ଥା ଦେଖି ଅଧିକାରୀମାନେ କ'ଣ ପାଇଁ ଚୁପ୍ ଅଛନ୍ତି ବୋଲି ପ୍ରଶ୍ନ ଉଠିଛି। ଯଦି ଏଭଳି ପାହାଡ଼ରୁ ପଥର ନେବା ଦ୍ୱାରା ଡ୍ୟାମର ସୁରକ୍ଷା ପ୍ରତି ବିପଦ ନାହିଁ ତେବେ ଏହାକୁ ବିଧିବଦ୍ଧଭାବେ କ୍ୱାରୀ ଘୋଷଣା କରି ପ୍ରଶାସନ ରାଜସ୍ୱ ଆଦାୟ କାହିଁକି କରୁନାହିଁ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଦୁଇଟି ଡ୍ୟାମରେ ପାଚେରି ନିର୍ମାଣ ପାଇଁ ଟେଣ୍ଡର ହୋଇ କାମ ଆରମ୍ଭ ହୋଇଛି। ଏହି କାମରେ ଗାର୍ଡୱାଲ ପଥର ଲଗାଯାଉନି ତ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ ପୋଡ଼ାଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ବିଷୋୟୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ସୁରକ୍ଷା କର୍ମୀଙ୍କୁ ଗାର୍ଡୱାଲ ଭଙ୍ଗା ରୋକିବାକୁ କୁହାଯାଇଛି। ଠିକାଦାର ଯଦି ଗାର୍ଡୱାଲ ଭାଙ୍ଗି ପଥର ପାଚେରି ନିର୍ମାଣରେ ବ୍ୟବହାର କରୁଥିବେ ତାଙ୍କ ବିରୋଧରେ ପଦକ୍ଷେପ ପାଇଁ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅନିଲ ପାଣିଗ୍ରାହୀ ଆସିଲେ ଜଣାଇବି ବୋଲି ସେ କହିଛନ୍ତି।



# ବନ୍ଦ କରାଯାଇଥିବା ସ୍କୁଲ ଖୋଲିବା ଦାବି

ଦଶମନ୍ତପୁର, ୬।୧୧(ଡି.ଏନ୍.ଏ. )

**୨ କି.ମି. ଦୂରକୁ ପଢ଼ିବାକୁ ଯାଉନାହାନ୍ତି ଅନେକ ପିଲା**

ଗାଁରେ ସ୍କୁଲ ଥିଲା। ସେଠାରେ ୧୫ଜଣ ପିଲା ମଧ ପଢୁଥିଲେ। କିନ୍ତୁ ପ୍ରଶାସନ ତାହାକୁ ବନ୍ଦ କରିଦେଲା। ଏବେ ପିଲାମାନଙ୍କୁ ୨କି.ମି. ଦୂରରେ ଥିବା ସ୍କୁଲକୁ ଯିବାକୁ ପଡୁଛି। ଉକ୍ତ ସ୍କୁଲକୁ ଯିବାକୁ ହେଲେ ବଣ ଜଙ୍ଗଲ ଦେଇ ଯିବାକୁ ପଡୁଛି। ପିଲାଙ୍କୁ ସ୍କୁଲ ଛାଡିବାକୁ ସୁରକ୍ଷିତ ମଣୁନାହୁଁ। କିନ୍ତୁ ସେମାନଙ୍କ ଭବିଷ୍ୟତ ପାଇଁ ଛାଡିବାକୁ ବାଧ ହେଉଛୁ ।ତେଣୁ ଗାଁର ସ୍କୁଲକୁ ଆଉଥରେ ଖୋଲାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏହା ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଅଧୀନ ମିଟ କର୍ଲୀ ଗ୍ରାମର କଥା।

୨୦୦୬ରେ ମିଟକର୍ଲୀରେ ଏକ ସ୍କୁଲ ସ୍ଥାପନ କରାଯାଇଥିଲା। ପ୍ରଥମରୁ ୫ମ ଯାଏ ୧୫ ଜଣ ପିଲା ପଢୁଥିଲେ। ୨୦୨୦ରେ କିନ୍ତୁ ଉକ୍ତ ସ୍କୁଲକୁ ବନ୍ଦ କରିଦିଆଗଲା। ସ୍କୁଲ ବନ୍ଦ ଯୋଗୁ କେତେଜଣ ଅଭିଭାବକ ନିଜ ପିଲାଙ୍କୁ ଆଉ ପାଠ ପଢ଼ାଉ ନାହାନ୍ତି। ଅନ୍ୟ କେତେଜଣ ଜଙ୍ଗଲିଆ ରାସ୍ତାରେ ୨ କିମି ଦୂର କେମିଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି। ଦୂର ଓ ଜଙ୍ଗଲ ରାସ୍ତା ଯାଗୁ ପିଲାଙ୍କୁ ମାତ୍ର ମାସକୁ ୩ରୁ ୪ ଥର ସ୍କୁଲ ପଠାଉଛୁ ବୋଲି ଅଭିଭାବକମାନେ କହିଛନ୍ତି। ଆମ ଗାଁଟି ଜଙ୍ଗଲିଆ ଓ ପାହାଡିଆ ହୋଇଥିବାରୁ ଜୀବଜନ୍ତୁଙ୍କ ଭୟ ସଦା ସର୍ବଦା ଲାଗି ରହିଥାଏ। ପିଲାଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଇଚ୍ଛା ନ ଥିଲେ ବି ସେମାନଙ୍କ ଭବିଷ୍ୟତ ପାଇଁ କେମିଲୀ ସ୍କୁଲକୁ ପଠାଇବାକୁ ବାଧ ହେଉଛୁ ବୋଲି ଗ୍ରାମର ଧବଲୁ ଜାନୀ, ଦମ୍ବରୁ ମୁଦୁଲି, ସମ୍ବାରୁ ଜାନୀ, ଗୁରୁ ଜାନୀ, ମଧୁ ସାଉଁନ୍ତାଙ୍କ ସମେତ ଅବିଭାବକ ଓ ଗ୍ରାମବାସୀ କହିଛନ୍ତି। ଦୂର ହେଉଥିବାରୁ ପିଲାଙ୍କୁ ସ୍କୁଲ ପଠାଉ ନାହୁଁ। ସେମାନେ ଗାଈ,ଗୋରୁ, ଛେଳି ଓ ମେଣ୍ଢା ଚରାଇବାକୁ ଯାଇଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଆମ ଗାଁର ବିଦ୍ୟାଳୟଟି ବନ୍ଦ ହେବା ଦ୍ୱାରା ଆମ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଛି ବୋଲି ଅଭିଭାବକମାନେ ଜଣାଇଛନ୍ତି। ସରକାରୀ ନିୟମାନୁଯାୟୀ ଗାଁ ସ୍କୁଲରେ ୧୫ ପିଲା ପଢୁଥିଲେ। ତଥାପି କ'ଣ ପାଇଁ ସ୍କୁଲ ବନ୍ଦ କରାଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଖୁବ୍‌ଶୀଘ୍ର ଗାଁର ବିଦ୍ୟାଳୟ ଖୋଲିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସ୍କୁଲ ନ ଖୋଲିଲେ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ସେମାନେ କହିଛନ୍ତି। ଏ ନେଇ ବିଇଓ ଦୟାସିନ୍ଧୁ ବାଘଙ୍କୁ ପଚାରିବାରୁ ସ୍କୁଲ ଖୋଲିବାନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି ବୋଲି କହିଛନ୍ତି



ସ୍କୁଲ ଖୋଲିବା ଦାବି ଜଣାଉଛନ୍ତି ଗ୍ରାମବାସୀ, ଛାତ୍ରୀଛାତ୍ର।

### ମାଁ ମାଣିକେଶ୍ୱରୀ ଅଟୋ ମାଲିକ ସଂଘ ଗଠିତ

ମୁନିଗୁଡ଼ା,୬।୧୧(ଡି.ଏନ୍.ଏ.)

ମୁନିଗୁଡା ଠାରେ ମାଁ ମାଣିକେଶ୍ୱରୀ ଅଟୋ ମାଲିକ ସଂଘ ଗଠିତ ହେବା ସହ ଏକ ଅସ୍ଥାୟୀ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଶବର, ରାୟଗଡ଼ା ଜିଲା ମାଁ ମାଝିଗୌରୀ ଅଟୋ ସଂଘର ସଭାପତି ସିମାଦ୍ରି ପାଣିଗ୍ରାହୀ, ସମ୍ପାଦକ ରାଜେନ୍ଦ୍ର ବେହେରା ଯୋଗଦେଇ ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ଗୃହର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁନିଗୁଡ଼ା ମାଁ ମାଣିକେଶରୀ ଅଟୋ ମାଲିକ ସଂଘର



ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ପ୍ରକାଶ କରକରିଆ, ଉପ ସଭାପତି ରାମବାବୁ, ସମ୍ପାଦକ ଝଶକେତନ ପିଡିକାକା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ଅଶୋକ ଦାସ ସେହିପରି ସଦସ୍ୟ ରୂପେ ବୁଦ୍ଧୁ ଶବର, ପ୍ରଦୀପ ପଣ୍ଡିତ, କୃଷ୍ଣଚନ୍ଦ୍ର ନାୟକ, ନୟନ ସୁନା, ଶେଖ ହବିବ୍, କୈଳାସ ଦଣ୍ଡସେନା, ଦୁର୍ଯ୍ୟୋଧନ ବେହେରା, ସୁଧୀର ହିଆଲ, ଜଗବନ୍ଧୁ କୋଚିନ ପ୍ରମୁଖଙ୍କୁ ଚୟନ କରାଯାଇଛି।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

କାଲିମେଳା,୬।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ ଅନ୍ତର୍ଗତ ଯାକଲକୁଣ୍ଡି ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମାନ୍ୟମକୋଣ୍ଡା ପଞ୍ଚାୟତ ବିଲିଗୁଡ଼ା ଗ୍ରାମର କସା ପଡିଆମି(୩୦), ଉଙ୍ଗା ବେଟି(୩୫) ଏବଂ ଏମ୍‌ପିଭି ୪୧ ଗ୍ରାମର ଗୌରାଙ୍ଗ ବିଶ୍ୱାସ(୪୦)। ଘଟଣାରୁ ପ୍ରକାଶ, ଗୋଟିଏ ବାଇକ୍‌ରେ କସା, ଉଙ୍ଗା ଏବଂ ଗୌରାଙ୍ଗ କୌଣସି କାମରେ ଯାଉଥିଲେ। ଏହି ସମୟରେ ଯାକଲକୁଣ୍ଡି ଗ୍ରାମଠାରେ ବାଇକ୍ ଆଗକୁ ଅଜଣା ବ୍ୟକ୍ତି ଆସିଯିବା ଫଳରେ ଭାରସାମ୍ୟ ହରାଇ ବାଇକ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏଥିରେ ବାଇକ ଚାଳକ ଗୌରାଙ୍ଗଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ପାର୍ସାଲିରେ ୪ଜି, ଜିଓ ନେଟୱର୍କ ସେବା

ରାୟଗଡ଼ା ଅଫିସ,୬।୧୧

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପାଦଦେଶ ପାର୍ସାଲି ପଞ୍ଚାୟତ ଅଞ୍ଚଳରେ ମୋବାଇଲ ନେଟୱର୍କ ସୁବିଧା ନ ଥିବାବେଳେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ବାରମ୍ବାର ପାର୍ଲାମେଣ୍ଟରେ ଦାବି ପରେ ଏଠାରେ ଜିଓ ଟାୱାର ସ୍ଥାପନ କରାଯାଇଛି। ଶୁକ୍ରବାର ଏମ୍‌ପି ପାର୍ସାଲି ପଞ୍ଚାୟତ ଗସ୍ତକରି ୪ଜି ଏବଂ ଜିଓ ନେଟୱର୍କ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଏମ୍‌ପି ଅଞ୍ଚଳବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହ ନିୟମଗିରି ଅଞ୍ଚଳର ୬ ଡଙ୍ଗରିଆ ଏସ୍‌ଏଚ୍‌ଜିକୁ ୫୦ହଜାର ଟଙ୍କା ଲେଖାଏ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ପରେ କାନସୁର ଶିକ୍ଷାନିକେତନ ପରିଦର୍ଶନ କରିବା ସହ ନାରାୟଣପୁର କଲ୍ୟାଣ ମଣ୍ଡପଠାରେ କନ୍ଧକୂଳ ସମାଜ ସଦସ୍ୟଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ପାର୍ସାଲି ଅଞ୍ଚଳବାସୀ ନେଟୱର୍କ ସେବା ପାଇଥିବାରୁ ଏଠାରେ ଏମ୍‌ପିଙ୍କୁ କୃତଜ୍ଞତା ଜଣାଇଥିଲେ। ଏମ୍‌ପିଙ୍କ ଗସ୍ତ ସମୟରେ ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ଏମ୍‌ପିଙ୍କ ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା, ଦଳୀୟ ନେତା ସି.ଏଚ୍. ନାଗେଶ ରାଓ, ସରପଞ୍ଚ ଗୌତମ ବାର୍ଲା, ଲକ୍ଷ୍ମୀ କାଡ୍ରାକା, ସମିତି ସଭ୍ୟ ବିକାଶ ବାଗ, ତହସିଲଦାର ସୁଧାକର ରଇତ, ସ୍ୱତନ୍ତ୍ର ଅଧିକାରୀ ସଲମନ ରାଇକାଙ୍କ ସମେତ କଂଗ୍ରେସ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ଏମ୍‌ପି ସପ୍ତଗିରି ଉଲାକା ମୋବାଇଲ୍ ଟାୱାର ଉଦ୍‌ଘାଟନ କରୁଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
rgdselfie@gmail.com



@ ଅଜୟ



@ ଯଶୋବନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମେଗା ଆଇନ ସେବା ଶିବିର

ନବରଙ୍ଗପୁର,୬।୧୧(ବି.ପ୍ର.)

ଓଡ଼ିଶା ଆଇନ ସେବା ପ୍ରାଧିକରଣ କଟକ ଓ ଜିଲା ପ୍ରଶାସନ ଏବଂ ଜିଲା ଆଇନସେବା ପ୍ରାଧୀକରଣ ସହଯୋଗରେ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଏକ ମେଗା ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ଏମ୍.ଏସ୍. ରମଣ ଯୋଗଦେଇ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବିନା ଭେଦଭାବରେ ସମସ୍ତଙ୍କ ପାଇଁ ଆଇନ ସମାନ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଜଜ୍ ସଞ୍ଜୀବ ଦୁବେ, ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଏସ୍‌ପି ଏସ୍. ସୁଶ୍ରୀ ଯୋଗଦେଇଥିଲେ।

ବିଭିନ୍ନ ଜନହିତକର ଯୋଜନାର ହିତାଧିକାରୀଙ୍କୁ ବିଚାରପତି ରମନ ସହାୟତା, ପଟ୍ଟା, ଆଧାର କାର୍ଡ ଆଦି ବଣ୍ଟନ କରିଥିଲେ। ଜିପି ସ୍କିମରେ କାଜୁ ପ୍ରୋସେସିଂ ୟୁନିଟ୍ ପାଇଁ ସି .ଏଚ୍. ଚିନ୍ନା ରାଓଙ୍କୁ ୫୦ ଲକ୍ଷର ଚେକ୍, ପିଏମ୍‌ଇଜିପି ସ୍କିମ୍‌ରେ ୪ଜଣ ହିତାଧିକାରୀଙ୍କୁ ୧୭ଲକ୍ଷ ୪୪ ହଜାର ଟଙ୍କାର ଚେକ୍, ଜିଲା ଶ୍ରମ ବିଭାଗ ପକ୍ଷରୁ ୩ ଅଣସଂଗଠିତ ଶ୍ରମିକଙ୍କୁ ୩ ଲକ୍ଷ ମୃତ୍ୟୁକାଳୀନ ସହାୟତା, ଜଣେ ନିର୍ମାଣ ଶ୍ରମିକଙ୍କୁ ମୃତ୍ୟୁକାଳୀନ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୨ଲକ୍ଷ ପାଞ୍ଚ ହଜାର ଟଙ୍କା ଚେକ, ପୌରପାଳିକା ପକ୍ଷରୁ ୫ଟି ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଏସଇପି କାର୍ଯ୍ୟକ୍ରମରେ ଫଟୋ ଫ୍ରେମ୍ ବିଜନେସ ପାଇଁ ଦଶ ଲକ୍ଷ, ଲୁଗା ବିଜନେସ ପାଇଁ ୬ ଲକ୍ଷ, ଫେନ୍ସି ଷ୍ଟୋର ପାଇଁ ୫ ଲକ୍ଷ, ସିଲେଇ ପାଇଁ ୫ ଲକ୍ଷ, ସ୍ନାକ୍ସ ତିଆରି ପାଇଁ ୫ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ସେହିପରି ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ୫ଟି ଏସ୍‌ଏଚ୍‌ଜିକୁ ୫୦ ହଜାର ଟଙ୍କା ଲେଖାଏଁ, ଶିଶୁ ସୁରକ୍ଷା ବିଭାଗ ତରଫରୁ କୋଭିଡ୍ ରେ ଅନାଥ ହୋଇଥିବା ୬ ଜଣ ପିଲାଙ୍କୁ ମାସକୁ ୧୫୦୦ ଟଙ୍କାର ଚେକ୍, ସେହିପରି ମାଛ ଚାଷ ପାଇଁ ୩ ଜଣଙ୍କୁ ୩ ଲକ୍ଷ ୬୦ ହଜାର ଲେଖାଏ ମିଳିଛି। ଅନ୍ୟ ଜାତିରେ ବିବାହ କରିଥିବା ୩ଜଣଙ୍କୁ ୨ ଲକ୍ଷ ଟଙ୍କାର ଚେକ୍, ଜିଲା ଓରାମସ୍ ପକ୍ଷରୁ ୪୦ ଜଣ ଯୁବକଙ୍କୁ ନିଯୁକ୍ତି ପତ୍ର ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏଡିଜେ ଶିବପ୍ରସାଦ ମିଶ୍ର, ପ୍ରଣତୀ ସାହା, ମୁଖ୍ୟ ଜୁଡିସିଆଲ୍ ମାଜିଷ୍ଟ୍ରେଟ ସୁଦାମ ଚରଣ ଦାସ, ଡିଏଲ୍‌ଏସ ସେକ୍ରେଟାରୀ ଜନକ ରାଉତ, ଏସ୍‌ଡିଜେଏମ୍ ପ୍ରଜ୍ଞା ପଣ୍ଡା, ଜେଏମ୍‌ଏଫ୍‌ସି ଆର୍. ଏ. ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲେ।





ଅତିଥିମାନେ ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ଶାବର ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ନୀଳ ମାଧବ ବେଶ

କୋରାପୁଟ,୬।୧୧(ସ୍ୱ.ପ୍ର.)

କାର୍ତ୍ତିକ ମାସର ବଡଓଷା ନେଇ ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ରରେ ଭକ୍ତ ଓ ହବିଷ୍ୟାଳିଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି । ରବିବାର ବଡଓଷା ନେଇ ଶାବର ଶ୍ରୀକ୍ଷେତ୍ର ଓ ସହରର ବିଭିନ୍ନ ମନ୍ଦିରରେ ଭକ୍ତ ଓ ହବିଷ୍ୟାଳୀମାନଙ୍କ ଭିଡ଼ ଥିଲା। ବଡଓଷା ନେଇ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ବିଶେଷ ପୂଜା କରାଯାଇ ଥିଲା। ଜଗନ୍ନାଥଙ୍କୁ ନୀଳମାଧବ ବେଶ କରାଯାଇଥିଲା। ସେହିପରି କାର୍ତ୍ତିକ ମାସର ବଡ ଓଷା ନେଇ ମନ୍ଦିର ସମ୍ମୁଖରେ ଥିବା ତୁଳସୀ ଚଉଁରା ନିକଟରେ ସମସ୍ତ ହବିଷ୍ୟାଳିମାନେ ପୂଜାଅର୍ଚ୍ଚନା କରିବା ସହ ରାଇ ଦାମଦୋର ସ୍ତୁତି ଏବଂ କାର୍ତ୍ତିକ ବ୍ରତର ମହାତ୍ମ୍ୟ ପାଠ କରିଥିଲେ। ହୋମ ଯଜ୍ଞ ଆଦି କରାଯାଇଥିଲା। ବଡଓଷାକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଏବଂ ଆନନ୍ଦ ବଜାରରେ ମହାପ୍ରସାଦ ସେବନର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରର ମଝି ବେଢାରେ ଚାଲିଥିବା ରାମ ଓ ହରିନାମ କୀର୍ତ୍ତନରେ ଶତାଧିକ ଭକ୍ତ ସାମିଲ ଥିଲେ। ସନ୍ଧ୍ୟାରେ ଆକାଶ ଦୀପ ଲଗାଯିବାବେଳେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।



# ପ୍ରଶାସନ, ଡିଏଲ୍‌ଏସ୍‌ଏ ପକ୍ଷରୁ ସଚେତନତା, ସହାୟତା କାର୍ଯ୍ୟକ୍ରମ

ମାଲକାନଗିରି,୬।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରଶାସନ ଏବଂ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲାସ୍ତରୀୟ ମେଗା ଆଇନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନ ସଚେତନତା ମାଧ୍ୟମରେ ନାଗରିକଙ୍କୁ ସଶକ୍ତିକରଣ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

କାର୍ଯ୍ୟକ୍ରମରେ ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୬ ବିଭାଗର ୨୨୮ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଏଠାରେ କହିଛନ୍ତି, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଆଇନ ରହିଛି। ସରକାରଙ୍କ ପ୍ରତ୍ୟେକ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ଆଇନ ସେବା ପ୍ରାଧିକରଣ କାର୍ଯ୍ୟ କରୁଛି। ଏଥିରେ ଜନସାଧାରଣ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। ଶିବିରରେ ରାଜସ୍ୱ ବିଭାଗ ପକ୍ଷରୁ ୧୩୨ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଶ୍ରମ ବିଭାଗ ପକ୍ଷରୁ ୫୪ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ସହାୟତା ଦିଆଯାଇଛି। କୃଷି ବିଭାଗ ପକ୍ଷରୁ ୭ ଜଣଙ୍କୁ କୃଷି ଉପକରଣ ବଣ୍ଟନ ସହ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ୧୦ ଏସ୍‌ଏଚ୍‌ଜିକୁ ସହାୟତା ପ୍ରଦାନ କରାଯାଇଛି। ସେହିପରି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୫ ଜଣଙ୍କୁ ଏବଂ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ୧୦ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଏଏସ୍‌ପି ବଳଭଦ୍ର ଦୀପ, ଡିଏଲ୍‌ଏସ୍‌ଏର ସଚିବ ରାକେଶ କୁମାର ମୁଦୁଲି, ସିଜେଏମ୍ ସତ୍ୟପ୍ରିୟ ଦାସ, ଏସ୍‌ଡିଜେଏମ୍ ରୁଦ୍ର ପ୍ରକାଶ ନାୟକ, ସବ୍ ଜଜ୍ ଉଦୟଭାନୁ ଜେନା, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଜିଲା ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କଅଁରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।





ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି ।

